ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 28 | 13 - 19 July 2025 | Sambalpur | Pages- 8 | Invitation Price Rs.10

## ଭାରତର ବିପର୍ଯ୍ୟୟ ପ୍ରଶମନ ମଡେଲ୍ ବିଶ୍ୱସ୍ତରରେ ସର୍ବୋତ୍ତମ: ପି.କେ ମିଶ୍ର

ବାଙ୍ଗାଲୋର: ଭାରତର ବିପର୍ଯ୍ୟୟ ପ୍ରଶମନ ମଡେଲ୍ ବିଶ୍ୱସ୍ତରରେ ସର୍ବୋତ୍ତମ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କହିଛନ୍ତି ।

ବାଙ୍ଗାଲୋର ଆଇଆଇଏମର ସେଣ୍ଟର ଫର୍ ପବ୍ଲିକ୍ ପଲିସିର ପ୍ରତିଷ୍ଠା ଦିବସ ରୌପ୍ୟ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରି ଡକ୍ଟର ମିଶ୍ର କହିଛନ୍ତି ଯେ, ଭାରତର ବିକଶିତ ବିପର୍ଯ୍ୟୟ ବିପଦ ପ୍ରଶମନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ହେଉଛି ବିପର୍ଯ୍ୟୟ ସମ୍ବନ୍ଧୀୟ ମୃତ୍ୟୁହାର ହ୍ରାସ । ଏକ ବ୍ୟାପକ ଆଭିମୁଖ୍ୟ ସହିତ ଗୁଜରାଟ ଭୂମିକମ୍ପ ପୁନରୁଦ୍ଧାର କାର୍ଯ୍ୟକ୍ରମ ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାରେ କିପରି ସାହାଯ୍ୟ କରିଥିଲା ତାହା ସେ ବୁଝାଇ କହିଥିଲେ ।

ସେ କହିଥିଲେ ଯେ, ଉନ୍ନତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସଂସ୍ଥାଗତ ଦୃଢ଼ତା, ଉତ୍ତମ ଯୋଜନା ଏବଂ ଅଧିକ ପ୍ରତିକ୍ରିୟାଶୀଳ ଆର୍ଥିକ ସହାୟତାର ମିଳିତ ପ୍ରଭାବ ଯୋଗୁଁ ଅପ୍ରତ୍ୟାଶିତ ଏବଂ ଧୀର ବିପଦ ଉଭୟ କ୍ଷେତ୍ରରେ ମୃତ୍ୟୁହାର ସ୍ଥିର ଭାବରେ ହ୍ରାସ ପାଇଛି । ଭାରତ ଏକ ସ୍ୱାକ୍ଷରକାରୀ ଥିବା ସେଣ୍ଡାଇ ଫ୍ରେମୱାର୍କ ଫର ଡିଜାଷ୍ଟର ରିସ୍କ୍ନ ଅଧୀନରେ ମୂଳ ପ୍ରତିବଦ୍ଧତା ସହିତ ଏହା ସମାନ ବୋଲି ସେ କହିଛନ୍ତି ।

ଗତ ୨୫ ବର୍ଷ ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଏବଂ ଅଭ୍ୟାସର ବିବର୍ତ୍ତନ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ଦେଇ ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ସଂକଳ୍ପ ଉପରେ ଆଲୋକପାତ କରିଥିଲେ । ଗତ ଦୁଇରୁ ତିନି ଦଶନ୍ଧି ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଓ ଅଭ୍ୟାସ କିଭଳି ବଦଳିଛି ତାହା ଉପରେ ସେ ଆଲୋଚନା କରିଥିଲେ ।

ସେ ପୁଣି କହିଥିଲେ ଯେ, ଭାରତରେ ବିପର୍ଯ୍ୟୟ ବିପଦ ପରିଚାଳନାରେ ଅନେକ ପରିବର୍ତ୍ତନ ଘଟିଛି । ୧୯୯୯ ମସିହାରେ ଓଡ଼ିଶା ମହାବାତ୍ୟା, ୨୦୦୧ ମସିହାରେ ଗୁଜରାଟ ଭୂମିକମ୍ପ ଏବଂ ୨୦୦୪ ମସିହାରେ ଭାରତ ମହାସାଗର ସୁନାମି ବିପର୍ଯ୍ୟୟ ଅନେକ ଶିକ୍ଷା ଦେଇଥିଲା । ୧୯୯୩ର ଲାଟୁର ଭୂମିକମ୍ପ ଏବଂ ୨୦୦୫ର କାଶ୍ମୀର ଭୂମିକମ୍ପ ଭଳି ଅନ୍ୟାନ୍ୟ ଘଟଣା ମଧ୍ୟ ଘଟିଥିଲା । ଏକ ଆଇନଗତ




ଢାଞ୍ଚା, ନିୟାମକ ସଂସ୍କାର, ତାଲିମ ଓ ଜ୍ଞାନ ନେଟୱାର୍କ, ନିର୍ମାଣ ନିୟାମକ ଏବଂ ବିପର୍ଯ୍ୟୟ ପ୍ରତିରୋଧୀ ନିର୍ମାଣ ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନକୁ ସଂସ୍ଥାଗତ ରୂପ ଦେବା




ପାଇଁ ପ୍ରଭାବଶାଳୀ ଓ ନିର୍ଣ୍ଣାୟକ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ ।

ଗୁଜରାଟ ପଦକ୍ଷେପର ଗୁରୁତ୍ୱ ବିଷୟରେ ଆଲୋଚନା କରି ଡକ୍ଟର ମିଶ୍ର ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ( ଜିଏସଡିଏମଏ) ଦ୍ୱାରା ଗ୍ରହଣ କରାଯାଇଥିବା ବହୁବିଧ କାର୍ଯ୍ୟକଳାପର ତାଲିକା ଦେଇଥିଲେ । ଏହା ପ୍ରତିକ୍ରିୟା ଏବଂ ରିଲିଫ୍ ଠାରୁ ବହୁ ଆଗକୁ ବଢ଼ି ଭୂମିକମ୍ପ ପୁନଃ ନିର୍ମାଣ କାର୍ଯ୍ୟ କରିଥାଏ । ଏହାସହିତ ନୀତି ଓ ଆଇନ ପ୍ରଣୟନ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି, ପ୍ରସ୍ତୁତି ପଦକ୍ଷେପ, ଦକ୍ଷତା ନିର୍ମାଣ, ପ୍ରଶମନ ପଦକ୍ଷେପ ଏବଂ ସଚେତନତା ଓ ଜନସାଧାରଣଙ୍କ ପ୍ରସ୍ତୁତି ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟ କରିଥାଏ ।

ବିପର୍ଯ୍ୟୟ କିପରି ହ୍ରାସ ପାଇଁ ପାଣ୍ଠି ଯୋଗାଣ ବିଷୟବସ୍ତୁ ଉପରେ ମତ ରଖି ଡକ୍ଟର ମିଶ୍ର ଜୋର ଦେଇ କହିଥିଲେ ଯେ, ନୂଆ ପାଣ୍ଠି ଯୋଗାଣ ଢାଞ୍ଚାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଚାରଗତ ଯୋଗଦାନ ହେଉଛି । ବିପର୍ଯ୍ୟୟ ପ୍ରଶମନ, ପୁନରୁଦ୍ଧାର ଓ ପୁନର୍ଗଠନ, ପ୍ରସ୍ତୁତି ଓ ପ୍ରଶମନ ଆଦି ଭିନ୍ନ କିନ୍ତୁ ପରସ୍ପର ନିର୍ଭରଶୀଳ କାର୍ଯ୍ୟ ବିପର୍ଯ୍ୟୟ ପ୍ରଶମନରେ ସାମିଲ ରହିଛି ।

ସାମ୍ପ୍ରତିକ ସମୟରେ ବିପର୍ଯ୍ୟୟ ପ୍ରଶମନରେ ଭାରତର ଗୁରୁତ୍ୱପୂର୍ଣ୍ଣ ସଫଳତା ବିଷୟରେ ଡକ୍ଟର ମିଶ୍ର ଘୂର୍ଣ୍ଣିବାତ୍ୟା ଜନିତ ମୃତ୍ୟୁହାରରେ ନାଟକୀୟ ହ୍ରାସ, ଜାତୀୟ ଓ ରାଜ୍ୟ ସ୍ତରରେ ପ୍ରତିକ୍ରିୟା କ୍ଷମତା ବୃଦ୍ଧି, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଦ୍ରୁତ ଏବଂ ସ୍ୱଚ୍ଛ ରିଲିଫ୍ ବଣ୍ଟନ ବିପର୍ଯ୍ୟୟ ପରବର୍ତ୍ତୀ ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା, ଉନ୍ନତ କ୍ଷୟକ୍ଷତି ଆକଳନ ଓ ସ୍ଥିର ପୁନରୁଦ୍ଧାର ଏବଂ ମାନବିକ ସହାୟତା ଓ ବିପର୍ଯ୍ୟୟ ରିଲିଫ୍ (ଏଚଏଡି-ଆର) କ୍ଷେତ୍ରରେ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ସହାୟତା ଏବଂ ନେତୃତ୍ୱ ଭାରତର ଉପଲବ୍ଧିରେ ସାମିଲ ରହିଥିବା ସେ କହିଥିଲେ । ଆଜି ଭାରତର ବିପର୍ଯ୍ୟୟ ପ୍ରଶମନ ବିକାଶ ଏକ ପଦ୍ଧତିଗତ ଏବଂ ସମନ୍ୱିତ ପଦ୍ଧତିକୁ ପ୍ରତିଫଳିତ କରେ । ପ୍ରଯୁକ୍ତିବିଦ୍ୟା, ସଂସ୍ଥାଗତ କ୍ଷମତା, ଜନ-ସାଧାରଣଙ୍କ ସମ୍ପୃକ୍ତି ଏବଂ ସାମାଜିକ ସୁରକ୍ଷା ଏଥିରେ ସାମିଲ ରହିଛି । ଏହି ସଫଳତାଗୁଡ଼ିକ ଭାରତକୁ କେବଳ ଏକ ଆଞ୍ଚଳିକ ନେତା ଭାବରେ ନୁହେଁ ବରଂ ବିପର୍ଯ୍ୟୟ ବିପଦ ପରିଚାଳନାରେ ଏକ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ମଡେଲ ଭାବରେ ସ୍ଥାନିତ କରେ ବୋଲି ସେ କହିଥିଲେ ।

## ମୋଦିଙ୍କୁ ନାମିବିଆ ଓ ବ୍ରାଜିଲର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ବିଦେଶ ଗସ୍ତରେ ଯାଇଥିବା ବେଳେ ୨ଟି ଆନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନାମ୍ବିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦ ମୋଷ୍ଟ



ଆସିଏଣ୍ଟ ୱେଲଫ୍'ରେ ସମ୍ମାନିତ କରାଯାଇଛି । ରାଷ୍ଟ୍ରପତି ନେଟୁମ୍ବୋଙ୍କ ହାତରୁ ଶ୍ରୀ ମୋଦୀ ଏହି ସମ୍ମାନ ଗ୍ରହଣ କରିଥିଲେ । ସେହିପରି ବ୍ରାଜିଲ୍ ରାଷ୍ଟ୍ରପତି ଲୁଲା ମୋଦିଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କଲାର୍ ଅଫ୍ ଦ ନ୍ୟାସନାଲ ଅର୍ଡର ଅଫ୍ ଦ ସଦର୍ନ କ୍ରସ୍' ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏପର୍ଯ୍ୟନ୍ତ ୨୭ଟି ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି ।

## ସମ୍ବଲପୁରରେ ରୋଜଗାର ମେଳା



ସମ୍ବଲପୁର : ବିକଶିତ ଭାରତର ସଂକଳ୍ପ ଯୁଗ ଶକ୍ତିର ସଶକ୍ତିକରଣ ଓ ଯୁବ ବର୍ଗଙ୍କୁ ସରକାରୀ ଚାକିରୀ ଦେବା ନିମନ୍ତେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିଅମରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମ ଆୟୋଜିତ ରୋଜଗାର ମେଳାରେ ଯୋଗଦେଇ ୪୫ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ସାରା ଦେଶରେ ୪୭ଟି ସ୍ଥାନରେ ଆୟୋଜିତ ଏହି ରୋଜଗାର ମେଳାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫୧ ହଜାରରୁ ଅଧିକ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ରେକର୍ଡ ଭଙ୍ଗ

ନୂଆଦିଲ୍ଲୀ: ଦେଶ ସ୍ୱାଧୀନତା ପରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ବହୁ ନେତା ସ୍ଥାନ ପାଇଛନ୍ତି । ହରେକୃଷ୍ଣ ମହତାବଙ୍କଠାରୁ ଆରମ୍ଭ ହୋଇଥିବା ଏହି ସୂଚୀ ବେଶ ଦୀର୍ଘ । ନିତ୍ୟାନନ୍ଦ କାନୁନ୍‌ଗୋ କେନ୍ଦ୍ରରେ ୪ଥର ମନ୍ତ୍ରୀ ହୋଇଛନ୍ତି । ବିଭୂଧେନ୍ଦ୍ର ମିଶ୍ର, ବିଜୁ ପଟ୍ଟନାୟକ, ଜାନକୀ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ଶ୍ରୀକାନ୍ତ ଜେନା, ଜୁଏଲ୍ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବଙ୍କ ପରି କିଛି ନେତା ଏକାଧିକବାର କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି । ସେହିପରି ନବୀନ ପଟ୍ଟନାୟକ, ନୀଳମଣି ରାଉତରାୟ, ସମରେନ୍ଦ୍ର କୁଣ୍ଡୁ, ଭକ୍ତଚରଣ ଦାସ, ଭଜମନ ବେହେରା, ବ୍ରଜ କିଶୋର ତ୍ରିପାଠୀ, ଅର୍ଜୁନ ଚରଣ ସେଠୀ, ଦେବେନ୍ଦ୍ର ପ୍ରଧାନ, କାହ୍ନୁ ଚରଣ ଲେଙ୍କା, ଦିଲ୍ଲୀପ ରାୟ, ରାମଚନ୍ଦ୍ର ରଥ, ରବି ରାୟଙ୍କ ପରି ଅନେକ ଓଡ଼ିଆ ନେତା କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ପାଇଛନ୍ତି । ଏମାନଙ୍କ ମଧ୍ୟରୁ ଅନେକ କ୍ୟାବିନେଟ ମନ୍ତ୍ରୀ ଭାବରେ ମଧ ଦାୟିତ୍ୱ ତୁଲାଇଛନ୍ତି । ମାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି । କେନ୍ଦ୍ରେ ସରକାରରେ କ୍ରମାଗତ ସର୍ବାଧିକ ସମୟ ମନ୍ତ୍ରୀ ରହିବାର ଏପରି ଏକ ଗୌରବର ଅଧିକାରୀ ହୋଇଛନ୍ତି । ଯାହା କୌଣସି ଅନ୍ୟ ଓଡ଼ିଆ ନେତା ହାସଲ କରିପାରି ନାହାନ୍ତି । ୨୦୧୪





ମଇ ୨୬ ତାରିଖରେ ଶ୍ରୀ ପ୍ରଧାନ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ମନ୍ତ୍ରୀ ଭାବରେ - ଦାୟିତ୍ୱ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ସେ ଇସ୍ପାତ, ଦକ୍ଷତା ବିକାଶ ପରି ବିଭାଗର ମନ୍ତ୍ରୀ ରହିଥିଲେ । ୨୦୨୧ରୁ ସେ ଶିକ୍ଷା ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି । ଆଜି ସୁଦ୍ଧା କ୍ରମାଗତ ୧୧ ବର୍ଷ ୨ ମାସ ମନ୍ତ୍ରୀ ରହିବାର ରେକର୍ଡ ଧର୍ମେନ୍ଦ୍ର ପ୍ରଧାନ ସୃଷ୍ଟି କରିଛନ୍ତି ।

ସେହିପରି ଓଡ଼ିଶାରେ ଏ ପର୍ଯ୍ୟନ୍ତ ହୋଇଥିବା ଆଦିବାସୀ ସମ୍ପ୍ରଦାୟର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ମୋହନ ଚରଣ ମାଝୀ ମଧ କ୍ଷମତାରେ ରହିବାରେ ରେକର୍ଡ ଭଙ୍ଗ କରିଛନ୍ତି । ଓଡ଼ିଶାର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇଥିବା ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ପ୍ରଥମ ପାଳିରେ ୭ ଡିସେମ୍ବର ୧୯୮୯ ରୁ ୪ ମାର୍ଚ୍ଚ ୧୯୯୦ ଏବଂ ଦ୍ୱିତୀୟ ପାଳିରେ ୬ ଡିସେମ୍ବର ୧୯୯୯ ରୁ ମାର୍ଚ୍ଚ ୫, ୨୦୦୦ ମସିହା ପର୍ଯ୍ୟନ୍ତ ମାତ୍ର ୧୭୧ ଦିନ ପାଇଁ ମୁଖ୍ୟମନ୍ତ୍ରୀ ରହିଥିଲେ । ସେହିପରି ଅନ୍ୟତମ ଆଦିବାସୀ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ୧୯୮୯ ମସିହା ଫେବୃଆରୀ ୧୭ ତାରିଖ ରୁ ସେହି ବର୍ଷ ଡିସେମ୍ବର ୬ ତାରିଖ ପର୍ଯ୍ୟନ୍ତ ମାତ୍ର ୨୮୭ ଦିନ ପାଇଁ କ୍ଷମତାରେ ରହିଥିଲେ । ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତବର୍ଷ ଜୁନ୍ ୧୨ ତାରିଖରେ ଦାୟିତ୍ୱ ଗ୍ରହଣ କରି ଏ ପର୍ଯ୍ୟନ୍ତ କ୍ଷମତାରେ ରହିଛନ୍ତି । ଅର୍ଥାତ୍ ସେ ମୁଖ୍ୟମନ୍ତ୍ରୀ ପଦରେ ଏକ ବର୍ଷରୁ ଉର୍ଦ୍ଧ୍ୱ କାଳ ଏ ପର୍ଯ୍ୟନ୍ତ ରହି ରେକର୍ଡ ଭଙ୍ଗ କରିଛନ୍ତି ।

## ଏ ସଂଖ୍ୟାରେ..


ସୋରିଷ ଶାଗର ଲାଭ


ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ


ଶରୀର ପାଇଁ ଭଲ ଉଷୁମ ପାଣି


ବହୁ ଉପକାରୀ କଞ୍ଚା ଅମୃତଭଣ୍ଡା


ଗୁଣକାରୀ ଗଙ୍ଗଶିଉଳୀ


ତାଳର ଉପକାରିତା

## କୁକୁରଜଂଘାରେ ପୂର୍ଣ୍ଣିମା ଯାତ୍ରା

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲାର ସର୍ବପୁରାତନ କୁକୁରଜଂଘାରେ ପୂର୍ଣ୍ଣିମା ଯାତ୍ରା ପାଳିତ ହୋଇଯାଇଛି । ଏହି ଅବସରରେ ତିନି ଠାକୁର ମହାପ୍ରଭୁଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ ଦର୍ଶନ କରିଥିଲେ । ପତିତପାବନ ଟ୍ରଷ୍ଟ ମୁଖ୍ୟ ଅନିଲ ସିଂହ ଓ ସେବାୟତ ମୁଖ୍ୟ ପଣ୍ଡିତ ଅକ୍ଷୟ ମିଶ୍ର ପୂଜାର୍ଚ୍ଚନା କରିଥିଲେ । ଏହି ଯାତ୍ରାକୁ ଝାରଖଣ୍ଡ, ଛତିଶଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

## ହୀରାକୁଦ ବିସ୍ଥାପିତ ସାଗରପାଲି ଗ୍ରାମବାସୀଙ୍କ ସମସ୍ୟା ଦୂର ପାଇଁ ଅନୁରୋଧ କଲେ ସାଂସଦ

ଝାରସୁଗୁଡା : ଲଖନପୁର ବ୍ଲକ ଭଅଁରଖୋଲ ପଂଚାୟତ ଅନ୍ତର୍ଗତ ସାଗରପାଲି ଗ୍ରାମବାସୀଙ୍କ ସମସ୍ୟା ଦୂର କରିବା ପାଇଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିକଟକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏକ ପତ୍ର ଲେଖିଛନ୍ତି । ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସାଗରପାଲି ଗ୍ରାମ ହୀରକୁଦ ନଦୀ ବନ୍ଧ ଯୋଜନା ଦ୍ୱାରା ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଛି । ୧୯୫୬ ମସିହାରେ ଏହି ଗାଁ ବିସ୍ଥାପିତ ହେଲା ପରେ ଗ୍ରାମବାସୀ ମାନେ ଉପର ମୁଣ୍ଡରେ ଆସି ବସତି ସ୍ଥାପନ କରିଛନ୍ତି । ହେଲେ ବର୍ତ୍ତମାନ ଯାଏଁ ଗ୍ରାମବାସୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରି ଥଇଥାନ କରାଯାଇ ନାହିଁ ଏବଂ ବର୍ତ୍ତମାନ ସମୟରେ ହୀରାକୁଦ ବିସ୍ଥାପିତଙ୍କୁ ଦିଆଯାଉଥିବା ୧୦ ଡେସିମିଲ ଜମି ମଧ ସାଗରପାଲି ଗ୍ରାମବାସୀ ପାଇ ନାହାନ୍ତି । ତେଣୁ ସାଗରପାଲି ଗ୍ରାମର ସମସ୍ତ ସମସ୍ୟାକୁ ଅନୁଧାନ କରି ଏହାର ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯାଉ ବୋଲି ସାଂସଦ ଶ୍ରୀ ପୁରୋହିତ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି ।

## ବୃକ୍ଷରୋପଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

ଝାରସୁଗୁଡ଼ା : ଜିଲ୍ଲାପାଳ ତଥା ଜିଲ୍ଲା ପରିବେଶ ସମିତି ଅଧକ୍ଷା ଅବୋଲି ସୁନୀଲ ନରଓ୍ୱଣେ ଚଳିତ ମାସ ଶେଷ ସୁଦ୍ଧା ବୃକ୍ଷରୋପଣ ଦିଗରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚାରାବୃକ୍ଷ ରୋପଣ ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦିଆଯାଇଥିବା ଲକ୍ଷ୍ୟ ଚଳିତ ଜୁଲାଇ ମାସ ଶେଷ ସୁଦ୍ଧା ପୂରଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବୃକ୍ଷରୋପଣ ପାଇଁ ସ୍ଥିର କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ,ସ୍ଥାନୀୟ ବିଧାୟକ , ଜିଲ୍ଲାପାଳ, ଆଞ୍ଚଳିକ ବନଖଣ୍ଡ ଅଧିକାରୀ, ଜିଲ୍ଲା ପରିବେଶ ସମିତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରଙ୍କୁ ସୂଚିତ କରିବାକୁ ପରାମର୍ଶ ଦେଇଛନ୍ତି । ଚାରାବୃକ୍ଷ ରୋପଣ ସହ ପ୍ରଦୂଷଣମୁକ୍ତ ଝାରସୁଗୁଡ଼ା ନିର୍ମାଣ ଦିଗରେ ଯତ୍ନବାନ ପୂର୍ବକ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଚାରା ବୃକ୍ଷସବୁର ଯତ୍ନ ନେବା ଓ ଦୀର୍ଘମିଆଦି ଭିତ୍ତିରେ ଏ ସବୁକୁ ବଞ୍ଚେଇ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ପରିବେଶ ସମିତି ଦ୍ୱାରା ଆସନ୍ତା ଅଗଷ୍ଟ ମାସ ମଧରେ ବୃକ୍ଷରୋପଣ ସମ୍ପର୍କରେ ତଦାରଖ କରାଯିବ ଏବଂ ଜିଲ୍ଲା ପରିବେଶ ସମିତି ଦ୍ୱାରା ଆହୂତ ବୈଠକମାନଙ୍କରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଯୋଗଦାନ ପୂର୍ବକ ବୃକ୍ଷରୋପଣ ଦିଗରେ ଆନୁସଙ୍ଗିକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ତିନି ପୌରପରିଷଦ ଅଞ୍ଚଳରେ ଯଥେଷ୍ଟ ସଂଖ୍ୟକ ବୃକ୍ଷରୋପଣ ଦିଗରେ ପଦକ୍ଷେପ ନେବାକୁ ସମସ୍ତ ପୌରପାଳିକା ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲାପାଳଙ୍କ ସମେତ ଆଞ୍ଚଳିକ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ , ଆଇ ଏ ଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି ଓ ତଦାରଖ କମିଟି ଅଧକ୍ଷ ପ୍ରହ୍ଲାଦ ନାଏକ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଓ ଜିଲ୍ଲା ପରିବେଶ ସମିତି ସଦସ୍ୟଗଣ ଉପସ୍ଥିତ ଥିଲେ ।

## ବର୍ଷାରେ କ୍ଷୟକ୍ଷତି ତଦାରଖ କଲେ ବିଧାୟକ ଓ ଜିଲ୍ଲାପାଳ

ଝାରସୁଗୁଡା : ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ବର୍ଷା ଦ୍ୱାରା କ୍ଷୟକ୍ଷତି ହୋଇଥିବା ଲଇକେରା ଓ କିର୍ମିରାର ବହୁ ସ୍ଥାନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଝାରସୁଗୁଡା ଜିଲ୍ଲାପାଳ ବୁଲି ଦେଖିଛନ୍ତି । ଲଇକେରା ବ୍ଲକର ମୁଦ୍ରାଯୋରରୁ ଅଇତାପାଲୀ ରାସ୍ତା ଯାହାକି ବର୍ଷା ଦ୍ୱାରା ଧୋଇ ହୋଇ ଯାଇଥିଲା, ଲଇକେରାର କାଙ୍କମାଳ ପୋଲ, ଠେଲକାବୁଡ଼ ପୋଲ, କିର୍ମିରା ବ୍ଲକର ବନ୍ଧ ଭାଙ୍ଗିଯାଇଥିବା ଗ୍ରାମ ଭାଲୁପତ୍ରା ଓ ଦୁଆନମୁଣ୍ଡା ସହିତ ଏହି ଦୁଇ ବ୍ଲକର ବର୍ଷା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ବହୁ ଅଂଚଳ ବୁଲି ଦେଖିଥିଲେ ।ମନ୍ତ୍ରୀ ପୂଜାରୀ ଯେଉଁ ମାନଙ୍କର ଫସଲ ନଷ୍ଟ ହୋଇଛି, ଘର ଭାଙ୍ଗିଛି, ଆସବାବ ପତ୍ର ବର୍ଷା ଦ୍ୱାରା ଭାସି ଯାଇଛି ସମସ୍ତ ଙ୍କୁ ରାଜ୍ୟ ସରକାର ପୁର୍ଣ ସହଯୋଗ ପ୍ରଦାନ କରିବେ ବୋଲି କହିଥିଲେ ।ବିଧାୟକ ତ୍ରିପାଠୀ ଭାଙ୍ଗି ଯାଇଥିବା ସମସ୍ତ ପୋଲ, ରାସ୍ତା କାମ ଆସନ୍ତା ଦିନେ ଦୁଇ ଦିନ ମଧରେ ସରିଯିବ ଏବଂ ବର୍ଷା ରେ କ୍ଷୟକ୍ଷତି ହୋଇଥିବା ଲୋକ ମାନଙ୍କୁ ତୁରନ୍ତ ସହଯୋଗ ପ୍ରଦାନ ପାଇଁ ତହସିଲଦାର, ଆର ଆଇ ମାନଙ୍କୁ କୁହାଯାଇଛି ବୋଲି କହିଛନ୍ତି । ମନ୍ତ୍ରୀ ଓ ବିଧାୟକଙ୍କ ସହିତ ଝାରସୁଗୁଡା ଜିଲ୍ଲାପାଳ ସୁନୀଲ ଆବୋଲି ନରଓ୍ୱାଣେ ମଧ ସମସ୍ତ ଅଂଚଳ ପରିଦର୍ଶନ କରିଥିଲେ । ଏହା ପରିଦର୍ଶନ ସମୟ ରେ ସ୍ଥାନୀୟ ତହସିଲଦାର, ଆର ଆଇ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ବିଭାଗ ତଥା ସ୍ଥାନୀୟ ଭାଜପା କର୍ମୀ ମଧ ଉପସ୍ଥିତ ଥିଲେ ।

# ମୋବାଇଲର ମାଲିକ ହୋଇ ତାହାର ଉପଯୋଗ କରନ୍ତୁ

ଆଜି ମୋବାଇଲ ଜୀବନର ଏକ ଅନିବାର୍ଯ୍ୟ ଆବଶ୍ୟକତା ହୋଇଯାଇଛି । ଭାରତରେ ଶସ୍ତା ଇଣ୍ଟରନେଟ ଯୋଗୁଁ ଏଥିରେ ଯେଉଁ ଅଭିବୃଦ୍ଧି ହୋଇଛି, ତାହା ଅଭୂତପୂର୍ବ । ପ୍ରତ୍ୟେକ ବ୍ୟକ୍ତି ଇଣ୍ଟରନେଟ ଯୁକ୍ତ ସ୍ମାର୍ଟ ଫୋନ ଧରୁଛି ଏବଂ ସମସ୍ତେ ଏହାର ଏତେ ଅଭ୍ୟସ୍ତ ହୋଇ ଯାଇଛନ୍ତି ଯେ ମୋବାଇଲ ବିନା କୌଣସି ଜୀବନର କଳ୍ପନା ମଧ କରାଯାଇ ନ ପାରେ । ନିଃସନ୍ଦେହ ରୂପେ ଏହାର ଅନେକ ବରଦାନ ମିଳିଛି । ଏହା ଯୋଗୁଁ ଦୈନିକ ଜୀବନରେ କାର୍ଯ୍ୟ ସରଳ ହୋଇଯାଇଛି, ଦୂରଦୂରାନ୍ତର ପରିବାରଜନ, ସମ୍ବନ୍ଧୀ, ମିତ୍ର ଓ ଆତ୍ମୀୟ ପରିଜନମାନଙ୍କ ସହିତ କଥାବାର୍ତ୍ତା ହୋଇ, ଲେଖିକରି ଏବଂ ଭିଡ଼ିଓ ମାଧମରେ ସଂବାଦ କରିବା କିଛି କ୍ଷଣ ମଧରେ ସମ୍ଭବ ହୋଇପାରୁଛି ।

ଭୌଗୋଳିକ ଦୂରତା ପ୍ରାୟ ସମାପ୍ତ ହୋଇଯାଇଛି । ଯେତେବେଳେ ଚାହିଁଲେ ଆମେ ଦେଶ ବିଦେଶର ଯେକୌଣସି ସ୍ଥାନ ସହିତ ଯୋଡ଼ିହୋଇ ପାରୁଛେ । ଏହି କାରଣରୁ ବହୁତ ସମୟ ବଞ୍ଚୁଛି, କିନ୍ତୁ ଏହି ବରଦାନ ସହିତ ନିଜର ମାୟାବୀ ସ୍ୱରୂପ କାରଣରୁ ମୋବାଇଲ ଅଭିଶାପ ମଧ ହୋଇଯାଉଛି । ପିଲା ହୁଅନ୍ତୁ ବା ବୁଢ଼ା, କିଶୋର-ଯୁବା ହୁଅନ୍ତୁ ବା ପ୍ରୌଢ଼ ତଥା ଗୃହିଣୀ ହୁଅନ୍ତୁ– ସମସ୍ତେ ଏହା ଦ୍ୱାରା କବଳିତ ହୋଇ ଚାଲିଛନ୍ତି ଏବଂ ଏଥିରେ ଏତେ ମାତି ଯାଉଛନ୍ତି ଯେ କାହାକୁ ସମୟର କୌଣସି ଜ୍ଞାନ ରହୁ ନାହିଁ । ପ୍ରାୟ ସମସ୍ତେ ସ୍ମାର୍ଟ ଫୋନରେ ଲାଖି ରହିଥିବାର ଦେଖାଯାଏ, ଏପରିକି ଚଲାବୁଲା କରିବା ସମୟରେ ମଧ ସେଥିରେ ଆଖି ଥାଏ ।

ଏମାନଙ୍କ ମଧରୁ ଅନେକ ଦୁଇଚକିଆ ବାହନ ଚଲାଇବା ବେଳେ ମଧ କାନରେ ମୋବାଇଲ ରଖି, ବେକକୁ ଗୋଟିଏ ପାଖକୁ ଢଳାଇ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁଥିବାର ଦେଖାଯାଇ ପାରେ । ମୋବାଇଲ କାରଣରୁ ବର୍ତ୍ତମାନ ଅସଂଖ୍ୟ ଦୁର୍ଘଟନା ଘଟୁଛି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ମୋବାଇଲ ଦ୍ୱାରା ସେଲ୍‌ଫୀ ଗୋଟିଏ ବଡ଼ ରୋଗ ହୋଇଯାଇଛି, ଯାହା ଏହି ଦୁର୍ଘଟନାଗୁଡ଼ିକୁ ଆହୁରି ବଢ଼ାଇ ଦେଉଛି ।

ସର୍ବୋପରି ମୋବାଇଲର ଅଭ୍ୟାସ ଏକ ନିଶା ହୋଇଗଲାଣି, ଏକ ବ୍ୟସନ ରୂପେ ବ୍ୟାଧିର ରୂପ ନେଇଗଲାଣି । ପୁଣି ମୋବାଇଲର ବଜାର ହିଁ ମାୟାବୀ । ବିଶ୍ୱର ଶ୍ରେଷ୍ଠତମ ମସ୍ତିଷ୍କ, ଯାହା ମଧରେ ମନୋବୈଜ୍ଞାନିକଙ୍କ ଠାରୁ ନେଇ ଟେକ୍‌ନିକ୍ ବିଶେଷଜ୍ଞଗଣ ସାମିଲ ହୋଇଛନ୍ତି, ସେମାନେ ଏଥିପାଇଁ କାମ କରୁଛନ୍ତି । ସମସ୍ତଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କ ଧାନ କିପରି ଆକର୍ଷିତ କରାଯିବ ଏବଂ ସେମାନେ କିପରି ଅଧିକରୁ ଅଧିକ ସମୟ ମୋବାଇଲ ସହିତ ଲାଖି ରହିବେ, ଯାହା ଫଳରେ ସେମାନଙ୍କ ବ୍ୟବସାୟରେ ଅଭିବୃଦ୍ଧି ହେବ ।

ସେମାନେ ଉପଭୋକ୍ତାମାନଙ୍କର ଧାନ ଯେତିକି ଆକର୍ଷଣ କରିବେ, ସେମାନଙ୍କର ସେତିକି ଲାଭ ହେବ । ସୋସିଆଲ ମିଡିଆର ନିତ୍ୟ ନୂତନ ସ୍ୱରୂପ ଓ ତାହାର ମନଲୋଭା ସୁବିଧାଗୁଡ଼ିକ ସବୁ ଏହାରି ଉପରେ ଆଧାରିତ ଏବଂ ସରଳ ସାଧାରଣ ଜନତା ସହଜରେ ତାହା ଦ୍ୱାରା ବିଛାଯାଇଥିବା ଜାଲରେ ପଡ଼ିଯାଉଛନ୍ତି । ଉପଭୋକ୍ତାମାନେ ଅନୁଭବ କରିପାରୁ ନାହାନ୍ତି ଯେ ସେମାନଙ୍କ ଧାନକୁ କବଳିତ କରିନେଇ ବଡ଼ ବଡ଼ କମ୍ପାନୀମାନେ ନିଜର ବ୍ୟବସାୟ ବଢ଼ାଇ ଚାଲିଛନ୍ତି ଏବଂ ସେମାନେ କମ୍ପାନୀମାନଙ୍କ ବ୍ୟବସାୟର କେବଳ ଏକ ମାଧମ ହୋଇଯାଇଛନ୍ତି । ଏହା ସାଙ୍ଗକୁ ମାଗଣା ସେବା ନାମରେ ଉପଭୋକ୍ତାମାନଙ୍କ ସହିତ ଜଡ଼ିତ ଡାଟା ଏକତ୍ର, କରାଯାଉଛି, ଯାହାର ଏକ ଅଲଗା ପ୍ରକାର ବ୍ୟାପାର ଚାଲିଛି ।

ଏହାକୁ ଦେଖି ଉପଭୋକ୍ତାମାନଙ୍କ ପସନ୍ଦ–ଅପସନ୍ଦ ଅନୁରୂପ ବିଜ୍ଞାପନରୁ ନେଇ ସମାଚାର ଓ ଅନ୍ୟ ସାମଗ୍ରୀଗୁଡ଼ିକ ପରଷା ଯାଉଛି ଏବଂ ସାଧାରଣ ମାନବ ଏମାନଙ୍କ ମାୟାଜାଲରେ ଫସିଯାଉଛି । ନିର୍ମାତା ଓ ମାଲିକମାନେ ସ୍ୱୟଂ ଏହାର ଉପଯୋଗ କରନ୍ତି ନାହିଁ ଏବଂ ନିଜର ପିଲାମାନଙ୍କୁ ମଧ ଏଥିରୁ ଯଥାସମ୍ଭବ ଦୂରେଇ ରଖନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଆଜି ସ୍ମାର୍ଟ ଫୋନର ପ୍ରତ୍ୟକ୍ଷ ହାନିଗୁଡ଼ିକ ଜଳଜଳ ହୋଇ ଦେଖାଯାଉଛି ।

ଆଖି ଶୁଖିଯିବା ବା ଲୁହ ବାହାରିବା, ଏକାଗ୍ରତାର ଅଭାବ, ସ୍ମରଣଶକ୍ତିର ଲୋପ, ଠିକ୍ ସମୟରେ ନିଦ ନ ଆସିବା, ଚିଡ଼ିଚିଡ଼ାପଣ, ମୁଣ୍ଡବଥା ଭଳି ଲକ୍ଷଣ ସ୍ମାର୍ଟ ଫୋନର ଅତ୍ୟଧିକ ପ୍ରୟୋଗ ଯୋଗୁଁ ହୋଇଥାଏ, ଏସବୁକୁ ଉପଭୋକ୍ତମାନେ ତତ୍‌କାଳ ଅନୁଭବ କରିଥାନ୍ତି । ଏହା ସହିତ ନିଶ୍ଚିତ ରୂପେ କାର୍ଯ୍ୟ କ୍ଷମତା ପ୍ରଭାବିତ ହୋଇଥାଏ ।

ଏହାର ନିଶା ଲାଗିଯିବା କାରଣରୁ ଏହା ବିନା ରହି ନ ପାରିବାର ବ୍ୟାକୁଳତା, ଅଜ୍ଞାତ ଭୟ ଓ ବିଚଳିତ ଭାବ ଭଳି ସମସ୍ୟାଗୁଡ଼ିକ ମଧ ଯୋଡ଼ି ହୋଇଯାଏ । ଏହା ସହିତ ଉଦାସୀନତା, ଉତ୍ତେଜନା, ଅବସାଦ ଭଳି ମାନସିକ ବିକୃତିଗୁଡ଼ିକ ଉତ୍ପନ୍ନ ହୋଇଥାଏ । କେତେକ ଲୋକଙ୍କୁ ତ ଫୋନ ବନ୍ଦ ହୋଇଥିଲେ ମଧ ତାହା ବାଜିବାର ଭ୍ରମ ହୋଇଥାଏ, ଯାହା ଏକ ପ୍ରକାର ଫୋବିୟା ହୋଇଥାଏ, ଯାହାକୁ ନୋମୋଫୋବିୟା କୁହାଯାଏ । ଏହାର ସମାଧାନର ଉପାୟ କ'ଣ ହୋଇପାରେ ?

ମଧମ ମାର୍ଗ ଅନୁସରଣ କରି ଏହା ସହିତ ଜଡ଼ିତ ଅଭିଶାପ ଠାରୁ ରକ୍ଷା ପାଇ ପାରିବା ଅଥବା ତାହାକୁ କମ୍ କରି ପାରିବା । ବାସ୍ତବରେ ବର୍ତ୍ତମାନ ଯୁଗରେ ମୋବାଇଲର ସଂଯମିତ ଉପଯୋଗ କୌଣସି ସାଧନା ଠାରୁ କିଛି କମ୍ ନୁହେଁ । ଏହା ସହ ଜଡ଼ିତ କିଛି ଉପଯୋଗୀ ସୂତ୍ର ଏହି ପ୍ରକାର ହୋଇପାରେ- ସର୍ବପ୍ରଥମେ ମୋବାଇଲକୁ ନିଜ ହାତ ପାହାନ୍ତାରୁ ଦୂରେଇ ରଖନ୍ତୁ । କାରଣ ଯଦି ସହଜରେ ପହଞ୍ଚି ପାରିବା ଭଳି ଜାଗାରେ ରହେ ତ ଏହାର ପ୍ରଲୋଭନରେ ପୁରୁଣା ଅଭ୍ୟାସ ଫେରିବା ବହୁତ ସହଜ ହୋଇପାରେ । ନିଜର ଫୋନକୁ କେତେ ସମୟ ଉପଯୋଗ କରୁଛନ୍ତି ଏବଂ କେତେ ସମୟ ବରବାଦ କରୁଛନ୍ତି ତାହା ଉପରେ ଧାନ ରଖନ୍ତୁ । ଏଥିପାଇଁ ମୋବାଇଲରେ ଉପଲବ୍ଧ ଆପ୍ସର ସାହାଯ୍ୟ ମଧ ନିଆଯାଇପାରେ ।

ପ୍ରଲୋଭନଗୁଡ଼ିକୁ ଚିହ୍ନନ୍ତୁ, ଯାହା ଫୋନ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ବାଧ କରୁଛି । ଯେତେବେଳେ ଆପଣ ଏକଲା ଥାଆନ୍ତି, ବିରକ୍ତ ହୋଇଯାନ୍ତି, ଉତ୍ତେଜନା, ଅବସାଦ ବା ଚିନ୍ତାରେ ଥାଆନ୍ତି ସେତେବେଳେ ଏଥିରୁ ଉଦ୍ଧାର ପାଇବାର, ଖରାପ ମନୋଦଶାକୁ ଶାନ୍ତ କରିବାର ଉପାୟ ମୋବାଇଲ ହୋଇପାରେ । ଏପରି ସ୍ଥିତିରେ ମୋବାଇଲ ବିନା ବିଶ୍ରାମ ହେତୁ ମନୋଦଶାକୁ ପ୍ରତିବନ୍ଧିତ କରିବାର ଅଧିକ ସ୍ୱସ୍ଥ ଓ ପ୍ରଭାବଶାଳୀ ଉପାୟ ଖୋଜା ଯାଇପାରେ ।

ଏଥିରେ ଧାନ, ଶିମୂଳୀକରଣ, ରୋଚକ ପୁସ୍ତକଗୁଡ଼ିକର ଅଧୟନ, ସାଙ୍ଗମାନଙ୍କ ସହିତ ବାର୍ତ୍ତାଳାପ ଆଦି ଉପାୟ ଗ୍ରହଣ କରାଯାଇପାରେ । ଫୋନରୁ ସୋସିଆଲ ମିଡିଆ ଆପ୍ସ ହଟାଇ ଦିଅନ୍ତୁ, ଫଳରେ ଆପଣ କେବଳ କମ୍ପ୍ୟୁଟର ଦ୍ୱାରା ଫେସ୍‌ବୁକ୍, ଟ୍ୱିଟର ଏବଂ ବେକାର ସୋସିଆଲ ମିଡିଆର ଉପଯୋଗକୁ ସଂଯମିତ ଓ ସୀମିତ କରିପାରିବେ । ମୋବାଇଲକୁ ବନ୍ଦ ତ କରି ପାରିବା ନାହିଁ, କିନ୍ତୁ ମନେରଖନ୍ତୁ ଯେ ସୋସିଆଲ ମିଡିଆରେ ଅନ୍ୟମାନଙ୍କ ବିଷୟରେ ଯାହା ଦେଖାଯାଏ, ତାହା ସେମାନଙ୍କ ଜୀବନର ଯଥାର୍ଥ ହୋଇ ନଥାଏ । ଏଥିରେ ଜୀବନର ସକାରାତ୍ମକ ପକ୍ଷକୁ ବଢ଼ାଇ ଚଢ଼ାଇ ପ୍ରସ୍ତୁତ କରାଯାଇଥାଏ । ତାହାର ଆଧାରରେ ସ୍ୱୟଂକୁ କମ୍ କରି ଆଙ୍କିବାର ଭୁଲ କରନ୍ତୁ ନାହିଁ ଏବଂ ସନ୍ଦେହ ଓ ନିରାଶାକୁ ନିଜ ଉପରେ ପ୍ରଭାବ ବିସ୍ତାର କରିବାକୁ ଦିଅନ୍ତୁ ନାହିଁ ।

ଏହିପରି ଆବଶ୍ୟକ କାର୍ଯ୍ୟଗୁଡ଼ିକ ପାଇଁ ହିଁ ମୋବାଇଲର ଉପଯୋଗ କରନ୍ତୁ । କାହା ସହିତ ଆବଶ୍ୟକ ବାର୍ତ୍ତାଳାପରୁ ନେଇ ମହତ୍ତ୍ୱପୂର୍ଣ୍ଣ ସୂଚନାକୁ ଖୋଜିବା ଓ ଅଧୟନ କରିବାରେ ଏହାର ଉପଯୋଗ ସର୍ବଥା ବାଞ୍ଛନୀୟ, ପରନ୍ତୁ ଏଥିପାଇଁ ମଧ ସମୟ ନିର୍ଦ୍ଧାରିତ କରନ୍ତୁ । ଚଲାବୁଲା କରିବା ବେଳେ, କାହା ସହିତ ବାର୍ତ୍ତାଳାପ କରିବା ସମୟରେ କିମ୍ବା ଅନ୍ୟ କୌଣସି ସମୟରେ, ଅନ୍ୟ କେଉଁ ସ୍ଥାନରେ ମୋବାଇଲକୁ ବାରମ୍ବାର ଦେଖୁବାର ଅଭ୍ୟାସ ଶୋଭନୀୟ ନୁହେଁ ।

ଦିନର କିଛି ସୁନିଶ୍ଚିତ ସମୟରେ ଫୋନକୁ ବନ୍ଦ କରିଦିଅନ୍ତୁ, ଯଥା ବାହନ ଚଲାଇବା ସମୟରେ, ଚାଲିବା ସମୟରେ, କୌଣସି ସମୂହରେ ଭୋଜନ କରିବା ସମୟରେ ଅଥବା ନିଜର ପରିବାର ଜନଙ୍କ ମଧରେ ମୋବାଇଲ ବନ୍ଦ ରଖି ପାରନ୍ତି । ଶୋଇବାର ୨ ଘଣ୍ଟା ପୂର୍ବର ଅବଧି ମଧରେ ଯଦି ସ୍କ୍ରିନର ଉପଯୋଗ କରାଯାଏ ତ ଏଥିରୁ ବାହାରୁଥିବା ଆଲୋକ ନିଦରେ ବାଧା ଉତ୍ପନ୍ନ କରିପାରେ । ଏଣୁ ମୋବାଇଲକୁ ବନ୍ଦ ରଖନ୍ତୁ ଅଥବା କୋଠରିରେ ରଖିଦିଅନ୍ତୁ ।

ରାତିରେ ଫୋନ ବା ଟାବଲେଟରେ ଇ-ପୁସ୍ତକ ପଢ଼ିବା ପରିବର୍ତ୍ତେ ଛପା ପୁସ୍ତକ ପଢ଼ନ୍ତୁ । ଏହା ଦ୍ୱାରା କେବଳ ବଢ଼ିଆ ନିଦ ହେବ ନାହିଁ, ବରଂ ଯାହା ପଢ଼ାଯିବ ତାହା ଅଧିକ ମନେ ରହିବ ।

ଏହିପରି ମୋବାଇଲର ସଂଯମିତ ଉପଯୋଗ ସହିତ ଆତ୍ମବିଶ୍ୱାସ ବଢ଼ିବ, କାର୍ଯ୍ୟ କ୍ଷମତାରେ ବୃଦ୍ଧି ହେବ, ଆତ୍ମସମ୍ମାନର ଭାବ ପୁଷ୍ଟ ହେବ ତଥା ପ୍ରକୃତ ଅର୍ଥରେ ଆମେ ସ୍ମାର୍ଟ ଫୋନର ମାଲିକ ଭଳି ଉପଯୋଗ କରିବା, ସେବକ ହୋଇ ତାହାର ଗୋଲାମି କରିବା ନାହିଁ । ଆଜି ସ୍ମାର୍ଟ ଫୋନର ମାଲିକ ହେବା ତଥା ଏହାର ଶ୍ରେଷ୍ଠତମ ଉପଯୋଗ କରିବାର ଆବଶ୍ୟକତା ରହିଛି, ଏଥିରେ କୌଣସି ସନ୍ଦେହ ନାହିଁ ।

# ବ୍ୟାସଦେବ ଓ ପଞ୍ଚମ ବେଦ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ପାର୍ଥାୟ ପ୍ରତିବୋଧିତାଂ ଭଗବତା ନାରାୟଣେନ ସ୍ୱୟଂ
ବ୍ୟାସେନ ଗ୍ରଥିତାଂ ପୁରାଣ ମୁନିନାଂ ମଧ୍ୟେ ମହାଭାରତଂ ।
ଅଦ୍ୱୈତାମୃତବର୍ଷିଣୀଂ ଭଗବତୀଂ ଅଷ୍ଟାଦଶାଧାୟିନୀଂ
ଅମ୍ବତ୍ୱାମନୁସନ୍ଧଧାମି ଭଗବଦ୍ ଗୀତେ ଭ୍ଵଦ୍ୱେଷିଣୀଂ ।

ମହର୍ଷି ବଶିଷ୍ଠ ବ୍ରହ୍ମାଙ୍କ ମନରୁ ଜାତ । ତାଙ୍କ ମାନସପୁତ୍ର । ଋଷି ପରାଶର ତାଙ୍କ ନାତି । ପରାଶରଙ୍କୁ ଏକଦା ଯମୁନା ଆରପାରିକୁ ଯିବାର ଥାଏ । ସେ ନଦୀଘାଟରେ ପହଞ୍ଚିଲେ । ଘାଟିଆ ନ ଥିଲା । ତାର ଝିଅ ଥାଏ । ସେ ଋଷିଙ୍କୁ ନଦୀ ପାରି କରେଇ ଦେବାକୁ କହିଲା । ପରାଶର ଓ ସେ ଡଙ୍ଗାରେ ବସିଲେ । ଝିଅଟି ଡ଼ଙ୍ଗା ବାହିଲା । କୈବର୍ତ୍ତ କନ୍ୟା ଖୁବ ସୁନ୍ଦରୀ । ହେଲେ ଶରୀରରୁ ମାଛଗନ୍ଧ ବାହାରୁଥାଏ । ଆଇଁଷିଆ ବାସୁଥାଏ । ନା ତାର ମତ୍ସ୍ୟଗନ୍ଧା । ସରଧାରେ ଘରେ ଡାକନ୍ତି ସତ୍ୟବତୀ । ଋଷିବର ତାର ରୂପଲାବଣ୍ୟରେ ଆକୃଷ୍ଟ ହେଲେ । ତାଙ୍କ ମନରେ କାମବସନା ଜାଗ୍ରତ ହେଲା । ସେ ତାକୁ ସହବାସ ପାଇଁ ଅନୁରୋଧ କଲେ । ଝିଅଟି କହିଲା, ମହାତ୍ମନ, ଅମ ଦିଜଣଙ୍କ ମେଳ ନାହିଁ । ଆପଣ ବିଦ୍ୱାନ, ଜ୍ଞାନୀପୁରୁଷ, ମୁଁ ନୀଚ ଜାତିର, କେଉଁଟ କନ୍ୟା । ପୁଣି ମୋ ଶରୀରରୁ ଦୁର୍ଗନ୍ଧ ବାହାରେ । ଋଷିବର କହିଲେ ମୁଁ ତୁମକୁ ଗୁପ୍ତ ବିବାହ କରିବି । ତୁମର ଏକ ତେଜସ୍ୱୀ ପୁତ୍ରସନ୍ତାନ ଜନ୍ମ ନେବ । ସେ ବିଦ୍ୱାନ ଓ ବେଦଜ୍ଞାତା ହେବ । ଦେଖୁଦେଖୁ ଭରା ନଈ ମଝିରେ ଘନ କୁହୁଡି ଆଚ୍ଛାଦିତ ହେଲା । ଝିଅ ଦେହର ଦୁର୍ଗନ୍ଧ ଉଭେଇଗଲା । ସେ ମହମହ ବାସିବାକୁ ଲାଗିଲା । ଦିଜଣଙ୍କ ମିଳନ ହେଲା । ଆଷାଢ଼ ମାସ ପୂର୍ଣ୍ଣମା ତିଥିରେ ତାଙ୍କର ଏକ ଓଜସ୍ୱୀ ଶିଶୁ ଜନ୍ମ ନେଲା । ସେ ଦେଖିବାକୁ କଳା । ଦ୍ୱୀପରେ ଜନ୍ମ । ତେଣୁ ତାର ନା ପଡିଲା କୃଷ୍ଣଦ୍ୱୈପାୟନ । ସେ ତତକ୍ଷଣାତ ବଡ଼ ହେଲା । ମାଆଙ୍କ ଅନୁମତି ନେଇ ସାଧନା ନିମିତ୍ତ ପ୍ରସ୍ଥାନ କଲା । ଡାକିବାକ୍ଷଣି ମାଆଙ୍କ ସେବାରେ ଉପସ୍ଥିତ ରହିବାକୁ ବଚନ ଦେଲା ।

ବେଦ ବ୍ରହ୍ମାଙ୍କ ମୁଖ ନିସୃତ ବାଣୀ । ପୌରାଣିକ କାଳରେ ଲିଖିତ ବେଦ ନ ଥିଲା । ଶୁଣି ଶୁଣି ସ୍ମରଣ କରିବା ହେଉଥିଲା । ତେଣୁ ବେଦର ଅନ୍ୟ ନାମ ଶ୍ରୁତି । ଦ୍ୱୈପାୟନ ବେଦ ରଚନା କରିଥିଲେ । ଶ୍ରୀଗଣେଶ ତାକୁ ଲିପିବଦ୍ଧ କରିଥିଲେ । ଆଷାଢ଼ ପୂର୍ଣ୍ଣମାରେ ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ବେଦ ବୁଝିବାକୁ କଷ୍ଟକର । ଦ୍ୱୈପାୟନ ଏହାକୁ ବିଭାଜିତ ଓ ବ୍ୟବସ୍ଥିତ କରିଥିଲେ । ତାଙ୍କର ଚାରି ପ୍ରମୁଖ ଶିଷ୍ୟ ପୈଲ, ଜୈମିନୀ, ବୈଶମ୍ପାୟନ ଓ ସୁମନ୍ତୁ ଯଥାକ୍ରମେ ଋଗ ବେଦ, ସାମ ବେଦ ଯଜୁର୍ବେଦ ଓ ଅଥର୍ବ ବେଦର ପ୍ରଭାରୀ ଥିଲେ । ବେଦକୁ ବିଭାଜିତ କରିଥିବା ହେତୁ ତାଙ୍କ ନାମ ହେଲା ବ୍ୟାସ । ବ୍ୟାସଦେବ । ଅଷ୍ଟାଦଶ ପୁରାଣ ମଧ ବ୍ୟାସ ରଚିତ । ବ୍ରହ୍ମସୂତ୍ରର ରଚୟିତା ବାଦରାୟଣ । ବାଦରାୟଣ ଓ ବେଦବ୍ୟାସ ଏକ ଅଟନ୍ତି । ଭିନ୍ନ ନୁହନ୍ତି । ମହାଭାରତକୁ ପଞ୍ଚମ ବେଦ କୁହାଯାଏ । ବ୍ୟାସଦେବ ଏହି ଚିତ୍ରପଟର ଚିତ୍ରକାର ଏବଂ ଚରିତ୍ର । ଭୀଷ୍ମ ପର୍ବର ଅଧାୟ ୨୩ ରୁ ୪୦ ଶ୍ରୀମଭଗବଦ ଗୀତା ରୂପେ ସଂକଳିତ । ଶୁକଦେବ ମହାରାଜ ପରୀକ୍ଷିତଙ୍କୁ ଭାଗବତ ପୁରାଣ ଶୁଣାଇଥିଲେ । ଉଭୟ ଗୀତା ଓ ଭାଗବତ ବ୍ୟସଦେବ କୃତ ।

କୁରୁ ସାମ୍ରାଜ୍ୟର ଶାସକ ଶାନ୍ତନୁ । ତାଙ୍କର ଦୁଇ ପତ୍ନୀ । ଗଙ୍ଗା ଏବଂ ସତ୍ୟବତୀ । ଗଙ୍ଗାଙ୍କ ପୁତ୍ର ପିତାମହ ଭୀଷ୍ମ । ଅବିବାହିତ । ରାଣୀ ସତ୍ୟବତୀଙ୍କ ଦୁଇ ପୁଅ । ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ । ଚିତ୍ରାଙ୍ଗଦ ଅମ୍ବା ଓ ବିଚିତ୍ରବୀର୍ଯ୍ୟ ଅମ୍ବିକା ଏବଂ ଆମ୍ବଳିକାଙ୍କୁ ବିବାହ କରିଥିଲେ । ଗନ୍ଧର୍ବ ଯୁଦ୍ଧରେ ଚିତ୍ରାଙ୍ଗଦ ଓ ଅମ୍ବାଙ୍କ ମୃତ୍ୟୁ ହୁଏ । ବିଚିତ୍ରବୀର୍ଯ୍ୟ ନିଃସନ୍ତାନ ମୃତ୍ୟୁ ବରଣ କରନ୍ତି । ଦୁଇ ପୁଅଙ୍କ ଅକାଳ ମୃତ୍ୟୁ ପରେ ବିଧବା ରାଣୀ ସତ୍ୟବତୀ ସାବତ ପୁଅ ଭୀଷ୍ମଙ୍କୁ ଅନୁରୋଧ କରନ୍ତି ବିଚିତ୍ରବୀର୍ଯ୍ୟଙ୍କ ବିଧବା ପତ୍ନୀଙ୍କୁ ବିବାହ କରିବାକୁ । ନିଜ ପ୍ରତିଜ୍ଞାର ଦ୍ୱାହି ଦେଇ ବାରଣ କରନ୍ତି ଗଙ୍ଗାପୁତ୍ର ଭୀଷ୍ମ । ବଂଶରକ୍ଷା ପାଇଁ ବେଦବ୍ୟାସଙ୍କୁ ସ୍ମରଣ କରନ୍ତି ସତ୍ୟବତୀ । ତାଙ୍କ ଆଦେଶରେ ନିୟୋଗ ପ୍ରକ୍ରିୟାରେ ଅମ୍ବିକା, ଆମ୍ବଳିକା ଓ ଜନୈକ ରାଜଦାସୀ ବ୍ୟାସଦେବଙ୍କ ଦ୍ୱାରା ଗର୍ଭବତୀ ହୁଅନ୍ତି । ଅମ୍ବିକାଙ୍କ ଗର୍ଭରୁ ଅନ୍ଧ ଧୃତରାଷ୍ଟ୍ର, ଅମ୍ବାଳିକାଙ୍କ ଠାରୁ ପୀତଜ୍ୱର ପୀଡିତ ପାଣ୍ଡୁ ଓ ରାଜଦାସୀଠୁ ବିଦ୍ୱାନ ବିଦୁରଙ୍କ ଜନ୍ମ ହୁଏ । ପିତାମହ ଭୀଷ୍ମ ଧୃତରାଷ୍ଟ୍ରଙ୍କ ବିବାହ ଗାନ୍ଧାର ରାଜକୁମାରୀ ଗାନ୍ଧାରୀ ଓ ପାଣ୍ଡୁଙ୍କ ବିବାହ କୁନ୍ତୀ ଓ ମାଦ୍ରୀଙ୍କ ସହିତ କରାନ୍ତି । ହସ୍ତୀନାପୁର ଉପଦେଷ୍ଟା ବ୍ୟସଦେବ ରାଣୀ ଗାନ୍ଧାରୀଙ୍କୁ ଦିବ୍ୟପାତ୍ର ଓ ଶହେପୁତ୍ରର ଜନନୀ ହେବା ଆଶୀର୍ବାଦ ଦିଅନ୍ତି । ପାଞ୍ଚପୁତ୍ର ପାଇଁ କୁନ୍ତି ମାଦ୍ରୀଙ୍କୁ ଦିବ୍ୟମନ୍ତ୍ର ପ୍ରଦାନ କରାନ୍ତି । ପାଣ୍ଡୁ ପାଞ୍ଚପୁତ୍ରଙ୍କ ସହିତ ଦ୍ରୌପଦୀଙ୍କ ବିବାହରେ ତାଙ୍କର ବଳିଷ୍ଠ ଯୋଗଦାନ ରହିଛି । ବ୍ୟାସଦେବ ପାଞ୍ଚାଳୀଙ୍କୁ କୌମାର୍ଯ୍ୟର ବରଦାନ ଦେଇଥିଲେ । ଚୀରହରଣ ବେଳେ ବ୍ୟାସଦେବ ଶ୍ରୀକୃଷ୍ଣଙ୍କ ମାଧମରେ ତାଙ୍କ ସହାୟତା କରନ୍ତି । ପାଣ୍ଡବ ଓ କୌରବ ମଧରେ ଉତ୍ପନ୍ନ ଶତ୍ରୁତା ନିୟନ୍ତ୍ରଣରେ ତାଙ୍କ ଉଦ୍ୟମ ଅସଫଳ ହୁଏ । ସିଂହାସନ ପାଇଁ ଭାଇଭାଇରେ ଯୁଦ୍ଧ ଲାଗେ । ଦିବ୍ୟଦୃଷ୍ଟି ବଳରେ ସଂଜୟ ଯୁଦ୍ଧର ସମ୍ପୂର୍ଣ୍ଣ ବିବରଣୀ ଧୃତରାଷ୍ଟ୍ରଙ୍କୁ ଶୁଣେଇବାକୁ ସକ୍ଷମ ହୁଅନ୍ତି । ଅର୍ଜୁନ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ କରନ୍ତି । ବିଦୁରଙ୍କୁ ଧର୍ମ ଓ ନ୍ୟାୟ ମାର୍ଗରେ ଚଳିବାର ଉପଦେଶ ବ୍ୟାସଦେବଙ୍କଠୁ ମିଳେ । ଧର୍ମ ସପକ୍ଷରେ ସର୍ବଦା ହିମାଳୟ ସଦୃଶ ଛିଡାହେବାକୁ ତାଙ୍କୁ ପ୍ରେରିତ କରନ୍ତି ବ୍ୟସଦେବ । ଯୁଧିଷ୍ଠିର ଓ ଅର୍ଜୁନଙ୍କୁ ଯୁଦ୍ଧର ମାର୍ଗଦର୍ଶନ କରନ୍ତି ସିଏ । ଯୁଦ୍ଧପରବର୍ତ୍ତୀ ହସ୍ତିନାପୁରରେ ରାଜନୈତିକ ଓ ନୈତିକ ପୁନଃନିର୍ମାଣରେ ପ୍ରଜ୍ଞା ପୁରୁଷ ବ୍ୟାସଙ୍କ ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ଜ୍ୟେଷ୍ଠପାଣ୍ଡ୍ୱ ଯୁଧିଷ୍ଠିରଙ୍କ ଆୟୋଜିତ ରାଜସୁୟ ଯଜ୍ଞରେ ସେ କେନ୍ଦ୍ରୀୟ ଭୂମିକା ତୁଲାନ୍ତି । ଯୁଦ୍ଧ ସମାପ୍ତି ପରେ ଗାନ୍ଧାରୀଙ୍କୁ ପାଣ୍ଡବଙ୍କୁ ଅଭିଶାପ ଦେବାରୁ ବାରଣ କରନ୍ତି । ବ୍ୟାସଦେବ କୁରୁକ୍ଷେତ୍ର ଯୁଦ୍ଧ ଦିବ୍ୟଚକ୍ଷୁରେ ଦେଖନ୍ତି । କଥା ଲେଖନ୍ତି । ମହାକାବ୍ୟ । ପଞ୍ଚମ ବେଦ । ଯାହାର ଶ୍ରବଣ, ପାଠ, ବୋଧ ଓ ପ୍ରୟୋଗ ଜ୍ଞାନଲୋକ ପ୍ରଦାନ କରେ । ହୀନମନ୍ୟତାରୁ ଉର୍ଦ୍ଧ୍ୱକୁ ଉତ୍ତରଣ କରେ । ମଣିଷକୁ ଉଚ୍ଚମନା କରାଏ । ପାରିବାରିକ କଳି କୁଳକ୍ଷୟର କାରଣ, ଏହା ମହାଭାରତରୁ ଶିଖିବାକୁ ମିଳେ । ଅମୃତ ପୁରୁଷ ବ୍ୟାସଦେବ ପ୍ରାତଃ ସ୍ମରଣୀୟ ଅଟନ୍ତି ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**
**ସମ୍ବଲପୁର**

# ପରମାନନ୍ଦର ଅବସ୍ଥା ହେଉଛି ଯୋଗାବସ୍ଥା

**ଯୋ**ଗକୁ ପ୍ରକାଶିତ ଓ ପରିଭାଷିତ କରି ଋଷିବର ପତଞ୍ଜଳି କହିଛନ୍ତି – 'ଯୋଗଶ୍ଚିତ୍ତବୃତ୍ତିନିରୋଧ' ଅର୍ଥାତ୍ ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ ହିଁ ଯୋଗ ଅଟେ । ଚିତ୍ତର ବୃତ୍ତିଗୁଡ଼ିକର ନିରୋଧର ଅର୍ଥ ଚିତ୍ତର ବୃତ୍ତିଗୁଡ଼ିକ ସର୍ବଥା ଅଟକିଯିବା ଯେତେବେଳେ ଚିତ୍ତର ବୃଷ୍ଟି ଗୁଡ଼ିକର ନିରୋଧ ହୋଇଯାଏ, ସେତେବେଳେ ସାଧକ ଭିତରେ ଯୋଗ ଘଟିତ ହୋଇଥାଏ ।

ଯୋଗ ଘଟିତ ହେବାର ଅର୍ଥ ଚିତ୍ତବୃତ୍ତ ଗୁଡ଼ିକର ନିରୋଧ ହେବା ମାତ୍ରେ ସେହି ସମୟରେ ଦ୍ରଷ୍ଟା (ଆତ୍ମା)ର ନିଜ ସ୍ୱରୂପରେ ସ୍ଥିତି ହୋଇଯାଏ । ଆତ୍ମାର ନିଜ ସ୍ୱରୂପରେ ସ୍ଥିତିର ତାତ୍ପର୍ଯ୍ୟ ହେଉଛି ଆତ୍ମା ନିଜର ବାସ୍ତବିକ ସଚ୍ଚିଦାନନ୍ଦ ସ୍ୱରୂପକୁ ଜାଣିନିଏ, ଚିହ୍ନିନିଏ ଓ ସେହି ସ୍ୱରୂପରେ ସେ ଅବସ୍ଥିତ ହୋଇଯାଏ । ଆତ୍ମାକୁ ଅହଂ ବ୍ରହ୍ମାସ୍ମି (ମୁଁ ବ୍ରହ୍ମ ଅଟେ), ଅୟମାତ୍ମା ବ୍ରହ୍ମ (ଏହି ଆତ୍ମା ହିଁ ବ୍ରହ୍ମ)ର ଅନୁଭୂତି ହୋଇଥାଏ ।

ଏହି ସ୍ଥିତି, ଏହି ଅନୁଭୂତି ହିଁ ଯୋଗ, ସମାଧ, ମୋକ୍ଷ, ଆତ୍ମସାକ୍ଷାତ୍ କାର, ବ୍ରହ୍ମ ସାକ୍ଷାତ୍ କାର ହୋଇଥାଏ । ଏହି ସ୍ଥିତିରେ ସାଧକ ସବୁ ପ୍ରକାର ଦ୍ୱନ୍ଦ, ଦୁଃଖ, ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦ, ବ୍ରହ୍ମାନନ୍ଦ ଅବସ୍ଥାକୁ ପ୍ରାପ୍ତ ହୋଇଯାଏ । ଏହି ଅବସ୍ଥାରେ ଜୀବ ଓ ବ୍ରହ୍ମଙ୍କର ଭେଦ ସମାପ୍ତ ହୋଇଯାଏ ଏବଂ ଜୀବ ବ୍ରହ୍ମଙ୍କ ମଧ୍ୟରେ ବିଲୀନ ହୋଇଯାଏ । ଜୀବ ବ୍ରହ୍ମଙ୍କ ସହିତ ଏକାକାର ହୋଇଯାଏ ।

ବ୍ରହ୍ମ ଆନନ୍ଦମୟ, ସେଥିପାଇଁ ଏହି ଯୋଗାବସ୍ଥା, ମୋକ୍ଷାବସ୍ଥା ବି ଆନନ୍ଦମୟ । ବ୍ରହ୍ମଙ୍କ ସାକ୍ଷାତ୍କାର ହିଁ ମାନବ ଜୀବନର ଚରମ ଲକ୍ଷ୍ୟ । ବ୍ରହ୍ମସାକ୍ଷାତ୍କାର ହେବା ପରେ ଯାଇ ସାଧକକୁ ଶାଶ୍ୱତ ସୁଖ, ବ୍ରହ୍ମ ସୁଖର ପ୍ରାପ୍ତି ହୋଇଥାଏ ଏବଂ ସେ ସବୁ ପ୍ରକାର ଦୁଃଖ, ଦ୍ୱନ୍ଦ, କର୍ମ ସଂସ୍କାର ତଥା ଜନ୍ମ ମରଣର ବନ୍ଧନରୁ ମୁକ୍ତ ହୋଇଯାଏ ।

ବ୍ରହ୍ମ ସାକ୍ଷାତ୍କାର ହୋଇଯିବା ପରେ ସାଧକ ସଂସାରରେ ତ ରହିଥାଏ, କିନ୍ତୁ ସଂସାର ତା' ଭିତରେ ନ ଥାଏ । ସେ ନିର୍ବିକାର, ନିର୍ଦ୍ଦୋଷ, ନିର୍ଭାର ଓ ନିର୍ଭୟ ହୋଇଯାଏ । ତାକୁ ଏହି ସଂସାର ମଧ ବ୍ରହ୍ମଙ୍କ ଅଭିବ୍ୟକ୍ତି ରୂପେ ଜଣାପଡ଼େ ଏବଂ ସେ ସଂସାରରେ ବ୍ରହ୍ମ ଭାବରେ ରହି, ବ୍ରହ୍ମ ଦୃଷ୍ଟିରେ ସଂସାରକୁ ଦେଖି, ଜାଣି, ଅନୁଭବ କରି ତଦନୁରୂପ ଲୋକ ବ୍ୟବହାର କରିଥାଏ ।

ସେ କର୍ମ କରିଥାଏ, କିନ୍ତୁ ପ୍ରତ୍ୟେକ କର୍ମକୁ ବ୍ରହ୍ମ ଦୃଷ୍ଟିରେ କରିଥାଏ ଏବଂ ତାହାକୁ ବ୍ରହ୍ମ (ଈଶ୍ୱର)ଙ୍କୁ ହିଁ ଅର୍ପଣ କରିଥାଏ । ତେଣୁ ତା'ର କର୍ମ ମଧ ଅକର୍ମ ହୋଇଯାଏ । ଆତ୍ମାର ବାସ୍ତବିକ ସ୍ୱରୂପର ଜ୍ଞାନ ଓ ଅନୁଭୂତି ହିଁ ଯୋଗ, ମୋକ୍ଷ, ମୁକ୍ତି, ସମାଧି, ନିର୍ବାଣ, କୈବଲ୍ୟ ହୋଇଥାଏ । ଏଠାରେ ପ୍ରଶ୍ନ ଉଠୁଛି ଯେ ଆତ୍ମା ଯେହେତୁ ସ୍ୱଭାବତଃ ନିତ୍ୟ, ମୁକ୍ତ, ଶୁଦ୍ଧ, ଚୈତନ୍ୟ ଓ ବ୍ରହ୍ମଙ୍କର ଅଂଶ, ତାହେଲେ ଆତ୍ମା ବନ୍ଧନରେ କାହିଁକି ଓ କିପରି ପଡ଼ିଥାଏ ? 'ମୁଁ ବ୍ରହ୍ମ' ବା 'ଆତ୍ମା ହିଁ ବ୍ରହ୍ମ' ଏହାର ଅନୁଭୂତି ଜୀବାତ୍ମାକୁ ସ୍ୱତଃ କାହିଁକି ହୁଏ ନାହିଁ ?

ଆତ୍ମା ନିତ୍ୟ, ମୁକ୍ତ, ଶୁଦ୍ଧ, ଚୈତନ୍ୟ, ଅବିନାଶୀ ଓ ବ୍ରହ୍ମଙ୍କର ଅଂଶ, ଏକଥା ସତ୍ୟ । ସତ କହିବାକୁ ଗଲେ ଆତ୍ମା ବନ୍ଧନରେ ପଡ଼େ ନାହିଁ, ବରଂ ତାକୁ ବନ୍ଧନରେ ରହିବାର ଭ୍ରମ ହୋଇଯାଏ । ଆତ୍ମା ଅକର୍ତ୍ତା, କାରଣ ସେ ପ୍ରକୃତି ଓ ତାହାର କ୍ରିୟାଗୁଡ଼ିକର ଦ୍ରଷ୍ଟା ମାତ୍ର । ଚୈତନ୍ୟ ତାହାର ସ୍ୱଭାବ । ସାଂଖ୍ୟ ଦର୍ଶନ ଅନୁସାରେ ପୁରୁଷ (ଆତ୍ମା) ଓ ପ୍ରକୃତିର ଆକସ୍ମିକ ସମ୍ବନ୍ଧରୁ ବନ୍ଧନ ଜାତ ହୁଏ । ପୁରୁଷ (ଆତ୍ମା) ବୁଦ୍ଧି, ଅହଂକାର ଓ ମନ ଠାରୁ ଭିନ୍ନ, କିନ୍ତୁ ଅଜ୍ଞାନ କାରଣରୁ ସେ ନିଜକୁ ସେହି ବସ୍ତୁଗୁଡ଼ିକ ଠାରୁ ପୃଥକ୍ ବୋଲି ବୁଝିପାରେ ନାହିଁ ।

ଏହାର ବିପରୀତ ସେ ନିଜକୁ ବୁଦ୍ଧି ବା ମନ ଠାରୁ ଅଭିନ୍ନ ମାନିଥାଏ । ସୁଖ ଓ ଦୁଃଖ ବୁଦ୍ଧି ବା ମନରେ ସମାବିଷ୍ଟ ହୋଇଥାଏ । ଏଣୁ ପୁରୁଷ (ଆତ୍ମା), ଜୀବାତ୍ମା, ନିଜକୁ ବୁଦ୍ଧି ବା ମନ ଠାରୁ ଅଭିନ୍ନ ମାନି ଦୁଃଖ ଅନୁଭବ କରିଥାଏ । ଏହାର ବ୍ୟାଖ୍ୟା ଗୋଟିଏ ଉପମା ଦ୍ୱାରା କରାଯାଇପାରେ । ଯେପରି ଗୋଟିଏ ଧଳା, ପାରଦର୍ଶୀ ସ୍ଫଟିକ ଲାଲ ପୁଷ୍ପ ପାଖରେ ରହିଲେ ଲାଲ ଦେଖାଯାଏ, ସେହିପରି ନିତ୍ୟ ଓ ମୁକ୍ତ ଆତ୍ମା, ଜୀବାତ୍ମା ପୁରୁଷ ନିଜକୁ ଶରୀର, ବୁଦ୍ଧି, ଅହଂକାର, ମନ ତଥା ଇନ୍ଦ୍ରିୟଗୁଡ଼ିକରେ ଯୁକ୍ତ ମାନିଥାଏ ତଥା ସୁଖ-ଦୁଃଖର ଅନୁଭୂତି ସ୍ୱୟଂ କରିବାରେ ଲାଗିଥାଏ ।

ମୁଁ ଯେପରି ଜଣେ ପିତା ନିଜ ପୁତ୍ରର ସଫଳତା ଓ ସୁଖକୁ ଦେଖୁ ସୁଖୀ ହୋଇଥାଏ ଏବଂ ନିଜ ପୁତ୍ରର ଅସଫଳାତା ଓ ଦୁଃଖ ଦ୍ୱାରା ଦୁଃଖୀ ହୋଇଥାଏ । ସେହିପରି ଶରୀର, ମନ, ବୁଦ୍ଧି, ଅହଂକାର ଓ ଇନ୍ଦ୍ରିୟଗୁଡ଼ିକ ସହିତ ତାଦାତ୍ମ୍ୟ ସ୍ଥାପନ କରିନେବା କାରଣରୁ ଶରୀର ଓ ମନର ସୁଖ-ଦୁଃଖକୁ ଜୀବାତ୍ମା ସ୍ୱୟଂର ସୁଖ-ଦୁଃଖ ମାନିବାରେ ଲାଗେ । ଏହା ବନ୍ଧନ ଓ ଦୁଃଖର କାରଣ ଅଟେ ।

ମାୟା, ଭ୍ରମ, ଅଜ୍ଞାନ, ଅବିଦ୍ୟାରେ ବଶୀଭୂତ ହୋଇ ଆତ୍ମା ବନ୍ଧନଗ୍ରସ୍ତ ହୋଇଯାଏ ଏବଂ ନିଜର ବାସ୍ତବିକ ସଚ୍ଚିଦାନନ୍ଦ ସ୍ୱରୂପକୁ ଭୁଲିଯାଏ, ଫଳରେ ଦ୍ରଷ୍ଟା, ଜୀବାତ୍ମା ସେପର୍ଯ୍ୟନ୍ତ ନିଜ ଚିତ୍ତର ବୃତ୍ତି ଅନୁରୂପ ହିଁ ନିଜର ସ୍ୱରୂପ ମାନିଥାଏ ଏବଂ ତାକୁ ନିଜ ବାସ୍ତବିକ ସ୍ୱରୂପର ଜ୍ଞାନ ହୋଇ ନଥାଏ । ତେଣୁ ସେ ଦୁଃଖ ଓ ବନ୍ଧନରେ ଗ୍ରସ୍ତ ହୋଇଯାଏ ଏବଂ ଦୁଃଖ ପାଏ ତଥା ଜୀବନ ଓ ମରଣ ଚକ୍ରରେ ପଡ଼ି ରହି ଥାଏ ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

# ସୋରିଷ ଶାଗର ଲାଭ

**ସୋ**ରିଷ ଗଛର ମଞ୍ଜି, ପତ୍ର ଏବଂ କାଣ୍ଡ ମଧ ଖାଇବା ପାଇଁ ଉପଯୁକ୍ତ । ସୋରିଷ ମଞ୍ଜିକୁ ମସଲା ରୂପେ ବ୍ୟବହାର କରାଯାଇଥାଏ । ପ୍ରତି ୧୦୦ ଗ୍ରାମ ପତ୍ରରେ କାର୍ବୋହାଇଡ୍ରେଟ୍ ୪.୫ ଗ୍ରାମ୍, ପୁଷ୍ଟିସାର ୩ ଗ୍ରାମ୍, ଭିଟାମିନ୍ ଏ ୩୦୦ ମାଇକ୍ରୋଗ୍ରାମ୍, ଭିଟାମିନ୍ 'ସି' ୬୫ ମି.ଗ୍ରାମ୍, ଲୌହ ୧.୭ ମି.ଗ୍ରାମ, କ୍ୟାଲସିୟମ୍ ୧୧୫ ମି.ଗ୍ରାମ୍ ଥାଏ ।



**ଔଷଧୀୟ ଗୁଣ :** ସୋରିଷ ପତ୍ର ବହୁତ କମ୍ କ୍ୟାଲୋରୀଯୁକ୍ତ, ତେଣୁ ଏହାକୁ ଶାଗ ରୂପେ ଖାଇଲେ ମଧୁମେହ ରୋଗ ନିୟନ୍ତ୍ରଣ ହେବାର ସମ୍ଭାବନା ରହିଛି । ଏହି ଶାଗରେ ଭିଟାମିନ୍ 'କେ' ଥିବାରୁ ଆଲଜାଇମର୍ ରୋଗୀଙ୍କ ପାଇଁ ଭଲ । ସତେଜ ଥିବା ଶାଗକୁ ରାନ୍ଧି ଖାଇବା ଦ୍ୱାରା ଶରୀରକୁ ଭିଟାମିନ୍ ବି' ପ୍ରଚୁର ପରିମାଣରେ ମିଳିଥାଏ । ଶରୀରରେ କ୍ୟାଲସିୟମ୍ ଥିବାରୁ ହାଡ଼ ଶକ୍ତ ହୋଇଥାଏ । ଚର୍ମ ରୋଗୀମାନେ ନିୟମିତ ଏହାର ଶାଗ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ସୋରିଷ ଶାଗ ଖାଇବା ଦ୍ୱାରା ଶରୀରର ସ୍ନାୟୁଗୁଡିକର କୋଷ ଶକ୍ତ ହୋଇଥାଏ ।

### ଆଜିର ଚିନ୍ତନ

- ନାରୀ ଯଦି ମାଆ ହୋଇଥାଏ ଶ୍ରଦ୍ଧା ଓ ସେବା କର । ଯଦି ସ୍ତ୍ରୀ ହୋଇଥାଏ ମର୍ଯ୍ୟାଦା ଦିଅ । ଯଦି ଭଉଣୀ ହୋଇଥାଏ ସ୍ନେହ କର । ଯଦି କନ୍ୟା ହୋଇଥାଏ ଗର୍ବ କର । ଆଉ ଯଦି କିଛି ହୋଇ ନ ଥାଏ...ତାହେଲେ ସମ୍ମାନ କର ।
- ଜୀବନରେ କାହାକୁ ଏତେ କଷ୍ଟ ଦିଅ ନାହିଁ । କାରଣ ତୁମର କଷ୍ଟ ସହି ନ ପାରି ଯେବେ ସେ ଭଗବାନଙ୍କ ପାଖରେ ତୁମ ନାଁ ନେଇ ଲୁହ ଟୋପେ ଝରେଇବ, ସେହି ଦିନଠାରୁ ତୁମର ପତନ ଆରମ୍ଭ । ଏହା ସୁନିଶ୍ଚିତ ଅଟେ ।
- ପରିଚୟରୁ ମିଳିଥିବା କାମ ବହୁତ ସମୟ ଧରି ରହିଥାଏ । ଅଥଚ କାମରୁ ମିଳିଥିବା ପରିଚୟ ସାରା ଜୀବନ ରହିଥାଏ । ଛୋଟ ମିଛ କଥାଟିଏ କହି କାହାକୁ ହରେଇବା ବହୁତ ସହଜ । କିନ୍ତୁ ତାକୁ ହଜାରେ ସତ କହି ଫେରିପାଇବା ବହୁତ କଠିନ ।
- କାହାରି ଉପରେ କରାଯାଉଥିବା ଭରସା କାଚ ଭଳି କ୍ଷଣଭଙ୍ଗୁର ହୋଇଥାଏ । ଯଦି ଏହା ଥରେ ଭାଙ୍ଗିଗଲା ତ କଦାପି ପୂର୍ବଭଳି ହୋଇପାରେ ନାହିଁ । ଆସନ୍ତୁ ଆଜିଠାରୁ ଆମେ ଜୀବନରେ କାହାରି ଭରସା ଭାଙ୍ଗିବା ନାହିଁ । ବରଂ ନୂଆ ବିଶ୍ୱାସ ସୃଷ୍ଟି କରିବା ।

ସ୍ୱୀକାର
ବର୍ଷ ୨୯, ସଂଖ୍ୟା - ୨୮, ୧୩ - ୧୯ ଜୁଲାଇ ୨୦୨୫

## ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡିକର ନୂଆ ରେକର୍ଡ

ନିକଟରେ ପ୍ରକାଶିତ ପୃଥିବୀର ବିଶ୍ୱବିଦ୍ୟାଳୟ ଗୁଡିକର ର‌୍ୟାଙ୍କିଙ୍ଗର ସଦ୍ୟ ସଂସ୍କରଣରେ ଦେଖାଯାଇଛି ଯେ, ଭାରତର ଉଚ୍ଚଶିକ୍ଷା ଉଦ୍ୟୋଗ ପୂର୍ବାପେକ୍ଷା ଅଧିକ ଅଗ୍ରଗତି ହାସଲ କଲାଣି । ଗତବର୍ଷର ର‌୍ୟାଙ୍କିଙ୍ଗରେ ଦେଶର ପ୍ରାୟ ୫୦ ପ୍ରତିଶତ ବିଶ୍ୱବିଦ୍ୟାଳୟ ଉନ୍ନତିର ପ୍ରମାଣ ଦେଖାଇଛନ୍ତି । ୨୦୨୬ର ର‌୍ୟାଙ୍କିଙ୍ଗରେ ୮ଟି ନୂଆ ଅନୁଷ୍ଠାନକୁ ଯୋଡାଯାଇଛି । ଏହି ତାଲିକାରେ ଏବେ ଭାରତର ୫୪ଟି ଅନୁଷ୍ଠାନ ରହିଛି । ତଦ୍ୱାରା ଆମେରିକା (୧୯୨) ଟି ଅନୁଷ୍ଠାନ, ଇଂଲଣ୍ଡ (୯୦) ଓ ଚୀନ (୭୨) ପଛକୁ ଭାରତ ୪ର୍ଥ ସର୍ବାଧିକ ପ୍ରତିନିଧିତ୍ୱ ଦେଶ । ଏବର୍ଷ ଏତେ ସଂଖ୍ୟକ ବିଶ୍ୱବିଦ୍ୟାଳୟ ଓ ଅନ୍ୟ କୌଣସି ଦେଶ ପାଇଁ ର‌୍ୟାଙ୍କିଙ୍ଗରେ ଯୋଡା ଯାଇଥିବା ଲକ୍ଷ୍ୟ କରାଯାଇ ନାହିଁ । ୮ଟି ନୂଆ ପ୍ରବେଶକଙ୍କ ମଧ୍ୟରେ ୭ଟି ହେଲେ ଘରୋଇ ବିଶ୍ୱବିଦ୍ୟାଳୟ । ଭାରତର ଉଚ୍ଚଶିକ୍ଷା ଉଦ୍ୟୋଗ ଗତ କେଇ ବର୍ଷରେ ଅନେକ ପରିବର୍ତ୍ତନ ଦେଖିଲାଣି । ଘରୋଇ ବିଶ୍ୱବିଦ୍ୟାଳୟ ଗୁଡିକରେ ନାମଲେଖା ୨୦୧୧-୧୨ରୁ ୨୦୨୧-୨୨ ମଧ୍ୟରେ ପ୍ରାୟ ୫ ଗୁଣା ବଢିଛି । କିନ୍ତୁ ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକରେ ନାମଲେଖା ୨୦ରୁ ୨୫ ପ୍ରତିଶତ ବୃଦ୍ଧି ପାଇଛି । ଏହି ଅଗ୍ରଗତି କ୍ୟୁଏସ୍ ବିଶ୍ୱବିଦ୍ୟାଳୟ ର‌୍ୟାଙ୍କିଙ୍ଗରେ ପ୍ରତିଫଳିତ ହୋଇଛି । କେତେକ ଅନୁଷ୍ଠାନ ର‌୍ୟାଙ୍କିଙ୍ଗରେ ଉପରକୁ ଚଢିଛନ୍ତି । ଭାରତରେ ସର୍ବାଗ୍ରେ ଥିବା ଆଇଆଇଟି ଦିଲ୍ଲୀ ଗଲା ୨ ବର୍ଷରେ ୭୦ଟି ପାହାଚ ଅତିକ୍ରମ କରି ୧୨୩ତମ ସ୍ଥାନରେ ପହଞ୍ଚିଛନ୍ତି । ଆଗରୁ ଏହା ୨୦୨୪ରେ ୧୯୭ ତମ ଓ ୨୦୨୫ରେ ୧୫୦ତମ ସ୍ଥାନରେ ଥିଲା । ଆଇଆଇଟି ଖଡଗପୁର ଓ ବେଙ୍ଗାଲୁରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ର‌୍ୟାଙ୍କରେ ଅଛନ୍ତି ।

ଉପରୋକ୍ତ ସ୍ଥିତିକୁ ଦେଖିଲେ ବିଶ୍ୱବିଦ୍ୟାଳୟ ର‌୍ୟାଙ୍କିଙ୍ଗରେ ଭାରତର ସାମଗ୍ରୀକ ପ୍ରଗତି ଘଟିଛି । ତଥାପି ଆହୁରି ଅନେକ କିଛି ହାସଲ କରିହେବ । ବିଶ୍ୱରେ ଅଧିକାଂଶ ଉପର ସ୍ଥିତିରେ ଆମେରିକାର ବିଶ୍ୱବିଦ୍ୟାଳୟ ଗୁଡିକ ରହୁଛନ୍ତି । ଏମଆଇଟି ମାସାଚୁସେଟ୍ସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି କ୍ରମାଗତ ୧୪ତମ ବର୍ଷ ଲାଗି ସର୍ବୋଚ୍ଚ ର‌୍ୟାଙ୍କରେ ରହିଛି । ଜର୍ମାନୀ ଓ ଚୀନ ଖୁବ ଭଲ କରିଛନ୍ତି । ସେ ଦୁଇଦେଶର ଅନେକ ବିଶ୍ୱବିଦ୍ୟାଳୟକୁ ବଢାଇପାରିଛନ୍ତି । ଚୀନ ବିଶ୍ୱବିଦ୍ୟାଳୟ ଗୁଡିକରେ ସୁଦୃଢ ଗବେଷଣା ଭିତ୍ତିକ ଅଗ୍ରଗତି ହୋଇଛି । ଯେଉଁ ଦେଶଗୁଡିକ ବିକାଶ କ୍ଷେତ୍ରରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ ସହ ରହୁଥିବା ଚାହାନ୍ତି ସେମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଅନୁଷ୍ଠାନ ସଂଖ୍ୟା ବିଶ୍ୱବିଦ୍ୟାଳୟରେ ନାମଲେଖା ବଢିଥିବା ବେଳେ ଶିକ୍ଷାର ମାନ ଯେ ବ୍ୟବହାର କରେ ବୃଦ୍ଧି ପାଇବା ଦରକାର । ସେହି ଆବଶ୍ୟକତାକୁ ଅନୁଭବ କରାଯାଉଛି । ୨୦୧୪- ୨୦୧୫ ମଧ୍ୟରେ ଦେଶରେ ଅନୁଷ୍ଠାନ ସଂଖ୍ୟା ୧୩ ପ୍ରତିଶତ ବଢିଥିବା ବେଳେ ମୋଟ ନାମଲେଖା ଅନୁପାତ ୨୩.୭ ପ୍ରତିଶତରୁ ୨୮.୪ ପ୍ରତିଶତକୁ ବୃଦ୍ଧି ପାଇଛି । ନାମଲେଖାରେ ଛାତ୍ରୀଙ୍କ ସଂଖ୍ୟା ଅଧା । ଏସବୁ ପରିସଂଖ୍ୟାନ ହୃଦୟଗ୍ରାହୀ ହୋଇଥିଲେ ହେଁ ଗୁରୁତର ଆହ୍ୱାନ ସବୁ ରହୁଛି ଯାହାର ସମାଧାନ ଲୋଡା । ମୋଟ ନାମଲେଖା ଅନୁପାତ ଲକ୍ଷ୍ୟ ହେଲା ୫୦ ପ୍ରତିଶତ । ତାହା ଦୂରସ୍ଥ ଜଣାପଡୁଛି । ଦୁର୍ବଳ ଭିତ୍ତିଭୂମି, ଶିକ୍ଷକ ଅଭାବ ଓ ଆବଶ୍ୟକତା ତୁଳନାରେ ଅର୍ଥ ବରାଦ କମ ହେଉଥିବା ଏଭଳି ସମସ୍ୟା ଯାହା ଆଗରୁ ବି ରହିଆସିଛି ଏବଂ ସେସବୁର ସମାଧାନ ହେଉନାହିଁ । ବିଶେଷ ଭାବରେ ସରକାରୀ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଏହାର ସମାଧାନ ଲାଗି ବଜେଟରେ ଅଧିକ ଅର୍ଥ ବ୍ୟବସ୍ଥା ହେବା ଦରକାର । ଉଚ୍ଚଶିକ୍ଷାରେ ଉତ୍କର୍ଷତା ପାଇଁ ଓ ତଦ୍ୱାରା ବିଶ୍ୱସ୍ତରରେ ନିଜକୁ ପ୍ରତିଷ୍ଠିତ କରିବା ସକାଶେ ଭାରତ ଏ ଦିଗଟିକୁ ଦେଖରେ ଅଧିକାଂଶ ଲୋକ ଗରିବ, ମଧ୍ୟମ ଓ ନିମ୍ନ ଆୟକାରୀ ହୋଇଥିବାରୁ ସେମାନେ ସରକାରୀ ବିଶ୍ୱ ବିଦ୍ୟାଳୟକୁ ଯିବେ । ଏବେ ଦେଶରେ ଘରୋଇ ଅନୁଷ୍ଠାନ ଅପେକ୍ଷା ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକରେ ଅଧିକ ପିଲା ପଢୁଛନ୍ତି । ଏଣୁ ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକର ମାନ ବଢାଇବାକୁ ହେବ । ଏହି ଲକ୍ଷ୍ୟରେ ଯେଉଁସବୁ କୌଶଳ ପ୍ରସ୍ତୁତ ହେବ ସେସବୁ ସହ ସ୍କୁଲ ଶିକ୍ଷାରେ ଉନ୍ନତିକୁ ଗୁରୁତ୍ୱ ଦେବାକୁ ହେବ । ଦେଶରେ ସ୍କୁଲ ଗୁଡିକରୁ ମେଧାବୀ ଛାତ୍ରଛାତ୍ରୀଙ୍କୁ ସୃଷ୍ଟି କରି ସେମାନଙ୍କୁ ଉଚ୍ଚ ଶିକ୍ଷାରେ ପ୍ରବେଶ କରାଇବାକୁ ହେବ ଏବଂ ଉଭୟ କ୍ଷେତ୍ରରେ କିଭଳି ଭାରତୀୟ ଛାତ୍ରଛାତ୍ରୀ ସଫଳତା ଓ ଦକ୍ଷତା ହାସଲ କରିବେ ସେଥିପାଇଁ ନୀତିଗତ ଆଭିମୁଖ୍ୟ ଏକାପ୍ରକାର ହେବା ଦରକାର ।

## ଖାଦ୍ୟ ଲୋଭ ନିୟନ୍ତ୍ରଣ କରେ ଶାଗ



ଆବଶ୍ୟକତାଠାରୁ ଅଧିକ ଖାଇବାର ଲାଳସାକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ନିୟମିତ ଶାଗ ଖାଆନ୍ତୁ । ଏଥିରେ ଥିବା ଥାଇଲାକ୍ ଏଡସ୍ ଅଧିକ ଖାଦ୍ୟ ଖାଇବା ଆଗ୍ରହକୁ ନିୟନ୍ତ୍ରଣରେ ରଖେ । ଫଳରେ ଶରୀରରେ କାଲୋରି ପରିମାଣ ଠିକ୍ ରହେ । ଆମେରିକାର ଲୁଇସିଆନାସ୍ଥିତ ପେନିଙ୍ଗଟନ୍ ବାୟୋମେଡିକାଲ୍ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞମାନେ ଏ ବାବଦରେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।



## ସମାଜବାଦୀ ବ୍ୟବସ୍ଥା

### ମହାତ୍ମା ଗାନ୍ଧୀ

ଅଗଣିତ ଗ୍ରାମଗୁଡିକର ଏହି ଗଠନଟି ମଧ୍ୟରେ ଏଭଳି ବୃତ୍ତମାନ ରହିଥିବ, ଯାହାର ବ୍ୟାସ କି ସର୍ବଦା ବଢ଼ିଚାଲିବା ଲାଗିଥିବ ଏବଂ ଗୋଟିଏ ବୃତ୍ତ ଆଉ ଗୋଟିଏ ବୃତ୍ତ ଉପରକୁ ଆଦୌ ମାଡି ଆସୁ ନ ଥିବେ । ଜୀବନ ଆଦୌ ଗୋଟିଏ ପିରାମିଡ୍ ପରି ହୋଇ ରହି ନ ଥିବ । ଯେଉଁଥିରେ କି ସର୍ବଶୀର୍ଷଟି ସର୍ବନିମ୍ନ ଉପରେ ଆରୂଢ଼ ହୋଇ ରହିଥିବ । ମାତ୍ର, ତାହା ଏପରି ଏକ ମହାସାଗରୀୟ ବୃତ୍ତ ସଦୃଶ ହୋଇଥିବ, ବ୍ୟକ୍ତି ହିଁ ଯାହାର କେନ୍ଦ୍ର ହୋଇ ରହିଥିବ ଏବଂ ସେହି ବ୍ୟକ୍ତି ଗ୍ରାମଗୁଡିକର ବୃତ୍ତଟି ଲାଗି ବିଲୁପ୍ତ ହୋଇଯିବାକୁ ମଧ୍ୟ ସର୍ବଦା ପ୍ରସ୍ତୁତ ହୋଇ ରହିଥିବ । ଏହିପରି ଭାବରେ, ସମଗ୍ର ଗଠନଟି ଏକ ଅଭିନ୍ନ ଜୀବନରେ ପରିଣତ ହୋଇ ରହିବ । ଯାହାକି ବ୍ୟକ୍ତିମାନଙ୍କ ଦ୍ୱାରା ସାକାର ହୋଇ ପାରିଥିବ । ସେହି ବ୍ୟକ୍ତିମାନେ ଆଦୌ ଉଦ୍ଧତପଣିଆ ଦେଖାଇ କୌଣସି ଆକ୍ରମଣର ଆଗ୍ରହ ଦେଖାଉ ନ ଥିବେ, ସେମାନେ ସର୍ବଦା ନମ୍ର ରହିଥିବେ ଏବଂ ସେମାନେ ଯେଉଁ ମହାସାଗରୀୟ ବୃତ୍ତଟିର ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଏକକ ହୋଇ ରହିଥିବେ, ତାହାର ମହତ୍ତ୍ୱରେ ହିଁ ଅଂଶ ଗ୍ରହଣ କରୁଥିବେ ।

ତେଣୁ, ସବା ବାହାରେ ରହିଥିବା ବୃତ୍ତଟି ଅନ୍ତର୍ଗତ ବୃତ୍ତଟିକୁ ମାଡ଼ି ଚୂନା କରିଦେବାକୁ କୌଣସି କ୍ଷମତା ପ୍ରୟୋଗ କରିବନାହିଁ, ମାତ୍ର ଭିତରେ ରହିଥିବା ସମସ୍ତଙ୍କୁ ବଳ ଦେଉଥିବ ଏବଂ ସେଇଥିରୁ ହିଁ ଆପଣାର ଶକ୍ତିକୁ ଆହରଣ କରୁଥିବ । ଏହି ସବୁକିଛି ଖାଲି ଅବାସ୍ତବ କଳ୍ପନାର କଥା ଏବଂ ତେଣୁ ଆଦୌ କୌଣସି ମନନର ଯୋଗ୍ୟ ନୁହେଁ ବୋଲି ହୁଏତ ମୋତେ ଚିଡ଼ାଇବା ନିମନ୍ତେ ଓଲଟା ଜବାବ ଆସିବ । ମାତ୍ର କୌଣସି ମନୁଷ୍ୟ ଇଉକ୍ଲିଡଙ୍କର ବିନ୍ଦୁଟିକୁ ଆଙ୍କି ପାରିବା ସମ୍ଭବ ହେଉ ନ ଥିଲେ ମଧ୍ୟ ଯଦି ତାହାର ଏକ ଅବିନଶ୍ୱର ମୂଲ୍ୟ ରହିଛି, ତେବେ ମନୁଷ୍ୟ ଜାତିର ବଞ୍ଚିବା ସକାଶେ ମୋ'ର ଏହି ଚିତ୍ରଟିର ମଧ୍ୟ ଅବଶ୍ୟ ଏକ ମୂଲ୍ୟ ଅଛି । ଏହି ଚିତ୍ରଟି ସମ୍ପୂର୍ଣ୍ଣଭାବରେ ବାସ୍ତବ କ୍ଷେତ୍ରରେ ଉପଲବ୍ଧ ହୋଇ ନ ପାରିଲେ ମଧ୍ୟ ଭାରତବର୍ଷ ତାହାରି ବାସ୍ତବାୟନ ଲାଗି ବଞ୍ଚିବାର ସଂକଳ୍ପ ଗ୍ରହଣ କରୁ । ଆମକୁ ପ୍ରଥମେ ଆମେ ଯାହା ଚାହୁଁଛୁ ତାହାର ଏକ ଯଥାର୍ଥଛବି ଆମ ଆଗରେ ରଖିବାକୁ ପଡିବ ଓ ତେବେ ଯାଇ ଆମେ ତାହାର ନିକଟବର୍ତ୍ତୀ କୌଣସି କିଛିକୁ ବାସ୍ତବରେ ଉପଲବ୍ଧି କରି ପାରିବା । ଯଦି ଭାରତବର୍ଷ କୌଣସି ଦିନ ମଧ୍ୟ ପ୍ରତ୍ୟେକ ଗ୍ରାମକୁ ଗୋଟିଏ ଗୋଟିଏ ଗଣତନ୍ତ୍ରରେ ପରିଣତ କରିବାକୁ ଚାହୁଁଥାଏ, ତେବେ ମୋ'ର ଏହି ଚିତ୍ରଟିରେ ଅବଶ୍ୟ ସତ୍ୟତା ରହିଛି ବୋଲି ମୁଁ ଦାବି କରି କହିବି, ଯେଉଁଥିରେ କି ସର୍ବଶେଷଟି ସର୍ବପ୍ରଥମର ସମତୁଲ ହୋଇ ରହିଥିବ । ଅର୍ଥାତ୍ ଅନ୍ୟ ଭାଷାରେ କହିଲେ, ସେଥିରେ କେହି ସର୍ବପ୍ରଥମ ହୋଇ ରହି ନ ଥିବେ କିମ୍ବା କେହି ସର୍ବଶେଷ ହୋଇ ବି ରହି ନ ଥିବେ ।

## ଶରୀର ଓ ମନକୁ ସୁସ୍ଥ ରଖେ ମର୍ଣ୍ଣିଂ ୱାକ

ଫିଟ୍ ରହିବା ଲାଗି ଦୈନିକ ଏକ୍ସରସାଇଜ୍ କରିବା ବହୁତ ଲାଭଦାୟକ ହୋଇଥାଏ । ବିଭିନ୍ନ ଏକ୍ସରସାଇଜ ମଧ୍ୟରୁ ୱାକିଂ ସବୁଠାରୁ ସରଳ ଓ ଉତ୍ତମ ବ୍ୟାୟାମ ଯାହାର ବହୁ ଫାଇଦା ରହିଛି । ପ୍ରତିଦିନ କାଳେ ଚାଲିବା ଦ୍ୱାରା ବହୁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ।

ଅଷ୍ଟିଓପୋରୋସିସ୍ ରୋଗରୁ ଆରାମ: ଏକ ଅଧ୍ୟୟନରୁ ଜଣାପଡିଛି ଯେ ମର୍ଣ୍ଣିଂୱାକ କରିବା ଦ୍ୱାରା ଅଷ୍ଟିଓପୋରୋସିସ୍ ବା ଅସ୍ଥି ରୋଗରୁ ଆରାମ ମିଳିଥାଏ । ଯେଉଁ ବ୍ୟକ୍ତି ଏହି ରୋଗରେ ପୀଡିତ ସେ ସପ୍ତାହରେ ଅତି କମରେ ୧୫୦ ମିନିଟ୍ ପର୍ଯ୍ୟନ୍ତ ସହଜ ଶାରୀରିକ ବ୍ୟାୟାମ କରିବା ଉଚିତ । ଏହି ସହଜ ଶାରୀରିକ ଗତିବିଧି ମଧ୍ୟରେ ରହିଛି ୱାକିଂ, ସାଇକେଲିଂ ଓ ସୁଇମିଂ ।

ଡିପ୍ରେସନରୁ ମୁକ୍ତି: ଆଜିର ଯୁଗରେ ଡିପ୍ରେସନ ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହୋଇଛି । ଡିପ୍ରେସନ ବହୁ ଲୋକଙ୍କ ଜୀବନହାନିର ପ୍ରମୁଖ କାରଣ ମଧ୍ୟ ପାଲଟୁଛି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ବ୍ୟକ୍ତି ଦୈନିକ ମର୍ଣ୍ଣିଂ ୱାକ କରିବା ଉଚିତ । କାରଣ ଏହାଦ୍ୱାରା ମାନସିକ ସ୍ଥିତି ମଜଭୁତ ହୋଇଥାଏ । ଏକ ଅଧ୍ୟୟନ ଅନୁସାରେ ଡିପ୍ରେସନର ଶିକାର ବ୍ୟକ୍ତି ଦିନକୁ ୨୦ରୁ ୪୦ ମିନିଟ୍ ପର୍ଯ୍ୟନ୍ତ ମର୍ଣ୍ଣିଂ ୱାକ କରିବା ଦ୍ୱାରା ସ୍ଥିତିରେ ସୁଧାର ଆସିଥାଏ ।

ଡାଇବେଟିସ୍ ନିୟନ୍ତ୍ରଣ କରିଥାଏ: ଡାଇବେଟିସ୍ ଏକ ସାଧାରଣ ରୋଗ ଭାବରେ ସାମିଲ ହୋଇ ସାରିଲାଣି । ଅବ୍ୟବସ୍ଥିତ ଜୀବନଶୈଳୀ କାରଣରୁ ବହୁ ଲୋକ ମଧୁମେହର ଶିକାର ହେଉଛନ୍ତି । ଦୈନିକ ମର୍ଣ୍ଣିଂ ୱାକ କରିବା ଦ୍ୱାରା ୨୦ ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଡାଇବେଟିସ୍ ଆଶଙ୍କା ହ୍ରାସ ପାଇଥାଏ । ଏହି କାରଣରୁ ଡାକ୍ତର ଡାଇବେଟିସ୍ ରୋଗୀଙ୍କୁ ସକାଳେ ଓ ସନ୍ଧ୍ୟାରେ ଚାଲିବାକୁ ପରାମର୍ଶ ଦେଇଥାନ୍ତି ।

ହୃଦରୋଗ ଲାଗି ପ୍ରଭାବଶାଳୀ : ଅଧ୍ୟୟନରୁ ଜଣାପଡିଛି ମର୍ଣ୍ଣିଂ ୱାକ କରିବା ଦ୍ୱାରା ହୃଦୟ ସୁସ୍ଥ ରହିଥାଏ । ନିୟମିତ ଭାବରେ ମର୍ଣ୍ଣିଂ ୱାକ କରିବା ଦ୍ୱାରା ହୃଦରୋଗ ଆଶଙ୍କା ହ୍ରାସ ପାଏ ।

ମାନସିକ ସ୍ଥିତି ମଜଭୁତ: ଦୈନିକ ମର୍ଣ୍ଣିଂୱାକ କରିବା ଦ୍ୱାରା ମାନସିକ ସ୍ଥିତି ମଜଭୁତ ହୋଇଥାଏ । ଏହା ସହିତ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । କେବଳ ଏତିକି ନୁହେଁ ଏହାଦ୍ୱାରା ବିଭିନ୍ନ ମାନସିକ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ । ଯେଉଁ ବ୍ୟକ୍ତି ଡିମେନସିଆର ଶିକାର ହୋଇଥାନ୍ତି ସେମାନେ ମର୍ଣ୍ଣିଂୱାକ କରିବା ଦ୍ୱାରା ଖୁବ୍ ଶୀଘ୍ର ଏଥିରୁ ମୁକ୍ତି ପାଇଥାନ୍ତି ।

ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି: ଶରୀରରେ ରୋଗ ପ୍ରତିରୋଧ କ୍ଷମତା ହ୍ରାସ ପାଇଲେ ମଣିଷ ସହଜରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇପଡେ । ବୈଜ୍ଞାନିକଙ୍କ ମତରେ ଦୈନିକ ୩୦ ମିନିଟ୍ ମର୍ଣ୍ଣିଂ ୱାକ କରିବା ଦ୍ୱାରା ଶରୀରରେ ଅକ୍ସିଜେନ୍ ମାତ୍ରା ବୃଦ୍ଧି ପାଇଥାଏ । ଫଳରେ ରୋଗ ପ୍ରତିରୋଧ କ୍ଷମତା ମଜଭୁତ ହୋଇଥାଏ ।

## ପରମାନନ୍ଦର ଅବସ୍ଥା... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସେଥିପାଇଁ ଚିତ୍ତବୃତ୍ତିନିରୋଧ ରୂପ ଯୋଗ ମନୁଷ୍ୟର ପରମ କର୍ତ୍ତବ୍ୟ ।

'ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ'ର ଅର୍ଥ ଚିତ୍ତର ଚଞ୍ଚଳତା, ଚପଳତାର ସମ୍ପୂର୍ଣ୍ଣରୂପେ ଅନ୍ତ ହୋଇଯିବା । ସାଧାରଣତଃ 'ମନ' ପାଇଁ ଚିତ୍ତର ପ୍ରୟୋଗ କରାଯାଏ, କିନ୍ତୁ ପ୍ରକୃତରେ ଚିତ୍ତ ହେଉଛି ମନ, ବୁଦ୍ଧି ଓ ଅହଂକାରର ସମୁଚ୍ଚୟ । ଏହା ଅତ୍ୟନ୍ତ ଚଞ୍ଚଳ । ଏଣୁ ସ୍ୱରୂପ ବୋଧ ନିମନ୍ତେ ଏହାର ନିରୋଧ ଅତ୍ୟନ୍ତ ଆବଶ୍ୟକ । ଚିତ୍ତର ବୃତ୍ତିଗୁଡ଼ିକ ଅର୍ଥ ଚିତ୍ତ ଅଥବା ମନ ଭିତରେ ଉଠୁଥିବା ଭଲ-ମନ୍ଦ, ଶୁଭ-ଅଶୁଭ ସଂସ୍କାର, ସ୍ମୃତି, କାମନା, ବାସନା, ଇଚ୍ଛା, ବିଚାରଗୁଡ଼ିକର ଲହର । ମନରେ ଉଠୁଥିବା ସଂକଳ୍ପ-ବିକଳ୍ପର ଲହରଗୁଡ଼ିକ ହିଁ ବୃତ୍ତି ଅଟେ । ମନରେ ଉଠୁଥିବା ଏହି ଲହରଗୁଡ଼ିକ ସବୁ ଦିନ ପାଇଁ ସମାପ୍ତ ହୋଇଯିବା ହିଁ ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ ଅଟେ ।

ଚିତ୍ତରେ, ମନରେ ଏହି ଲହରଗୁଡ଼ିକ ଉଠୁଥିବା ପର୍ଯ୍ୟନ୍ତ ଦ୍ରଷ୍ଟା, ଜୀବାତ୍ମାକୁ ନିଜର ବାସ୍ତବିକ ସଚ୍ଚିଦାନନ୍ଦ ସ୍ୱରୂପର ବୋଧ ହୋଇ ନ ପାରେ । ଠିକ୍ ଯେପରି ସମୁଦ୍ରରେ ତୀବ୍ର ଲହରଗୁଡ଼ିକ ଉଠୁଥିବା ପର୍ଯ୍ୟନ୍ତ ଆକାଶରେ ଉଦୟ ହୋଇଥିବା ପୂର୍ଣ୍ଣଚନ୍ଦ୍ରର ପ୍ରତିବିମ୍ବ ସମୁଦ୍ରରେ ସ୍ଥିର ହୋଇପାରେ ନାହିଁ; କାରଣ ଲହରଗୁଡ଼ିକ ତାକୁ ସ୍ଥିର ହେବା ବା ଟିକ୍ଷି ରହିବାକୁ ଦିଏ ନାହିଁ, କିନ୍ତୁ ସମୁଦ୍ରର ଲହରଗୁଡ଼ିକ ଶାନ୍ତ ହେବା ମାତ୍ରେ ଆକାଶରେ ସ୍ଥିତ ପୂର୍ଣ୍ଣଚନ୍ଦ୍ରର ପୂର୍ଣ୍ଣ ପ୍ରତିବିମ୍ବ ସମୁଦ୍ର ଭିତରେ ମଧ୍ୟ ପୂର୍ଣ୍ଣ ରୂପେ ସ୍ଥିର ଦେଖାଯାଏ । ସେତେବେଳେ ତାକୁ ଦେଖି ଏହାର ସୌନ୍ଦର୍ଯ୍ୟକୁ ଦେଖି ମନ ଆହ୍ଲାଦିତ ହୋଇ ଉଠେ ।

ସେହିପରି ଯେତେବେଳେ ଯୋଗ ସାଧନଗୁଡ଼ିକର ନିରନ୍ତର ଅଭ୍ୟାସ ଦ୍ୱାରା ଚିତ୍ତରେ, ମନରେ ଉଠୁଥିବା ଲହରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସମାପ୍ତ ହୋଇଯାଏ, ସେତେବେଳେ ମନ ନିର୍ମଳ ହୋଇଯାଏ, ମନ ସମାପ୍ତ ହୋଇଯାଏ, ମନ ଅମନ ହୋଇଯାଏ, ସେତେବେଳେ ଦ୍ରଷ୍ଟାକୁ ସ୍ୱରୂପର ବୋଧ ହୋଇଥାଏ । ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ ଜ୍ଞାନ, କର୍ମ, ଭକ୍ତି ଆଦି ଯୋଗ ସାଧନଗୁଡ଼ିକର ନିରନ୍ତର ଅଭ୍ୟାସ ଦ୍ୱାରା ହିଁ ସମ୍ଭବ ହୋଇପାରେ ।

ଜ୍ଞାନ, କର୍ମ, ଭକ୍ତି, ସ୍ୱାଧ୍ୟାୟ, ଜପ, ତପ, ଧ୍ୟାନ, ଅଭ୍ୟାସ, ବୈରାଗ୍ୟ ଆଦି ଯୋଗ ସାଧନଗୁଡ଼ିକ ଦ୍ୱାରା ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ ହୋଇଥାଏ ଏବଂ ଆତ୍ମା ଉପରେ ଚଢ଼ିଥିବା ଅଜ୍ଞାନ, ଅବିଦ୍ୟା, ମାୟା, ଭ୍ରମର ଆବରଣ ସମାପ୍ତ ହୋଇଯାଏ ତଥା ଜୀବାତ୍ମାକୁ ନିଜର ଶୁଦ୍ଧ ଚୈତନ୍ୟ ସ୍ୱରୂପର ବୋଧ ହୋଇଥାଏ । ଆକାଶ ମେଘାଚ୍ଛନ୍ନ ଥିବା ପର୍ଯ୍ୟନ୍ତ ସୂର୍ଯ୍ୟଙ୍କ ପ୍ରକାଶ ଲୁଚି ରହିଥାଏ, କିନ୍ତୁ ଆକାଶରେ ଆଚ୍ଛାଦିତ ମେଘ ଅପସରି ଯିବା ମାତ୍ରେ ପୂରା ଆକାଶ ସୂର୍ଯ୍ୟଙ୍କ ପ୍ରକାଶରେ ଚମକି ଉଠେ । ସେହିପରି ଆତ୍ମା ଉପରେ ଛାଇ ରହିଥିବା ଅଜ୍ଞାନ, ଅବିଦ୍ୟା, ମାୟା, ଭ୍ରମର ଆବରଣ ହଟିବା ମାତ୍ରେ ଆତ୍ମା ନିଜର ଶୁଦ୍ଧ, ଚୈତନ୍ୟ ସ୍ୱରୂପକୁ ପ୍ରାପ୍ତ କରିନିଏ । ଏହି ଅବସ୍ଥା ଯୋଗର ଅବସ୍ଥା ହୋଇଥାଏ । ଏହା ସୁଖ-ଦୁଃଖର ଊର୍ଦ୍ଧ୍ୱରେ ପରମାନନ୍ଦ, ବ୍ରହ୍ମାନନ୍ଦର ଅବସ୍ଥା ଅଟେ । ଅଦ୍ୱୈତ ବେଦାନ୍ତ ଅନୁସାର ଏହା ଜୀବ ଓ ବ୍ରହ୍ମ, ଆତ୍ମା ଓ ବ୍ରହ୍ମଙ୍କ ଅଭିନ୍ନତା, ଏକତା ଓ ଅଦ୍ୱୈତତାର ଜ୍ଞାନବୋଧର ଅବସ୍ଥା ଅଟେ ।

# ସ୍ୱର୍ବେଦ

**ୱାଣୀ ନାମ ପୁକାରତେ, ମନ**
**ମେଁ ମନନ ତୁଂହାର ।**
**ମନ ୱାଣୀ ମେଁ ରମି ରହେ, ଅବ**
**କ୍ୟା କରୋଁ ସଂହାର ॥୨୫॥**

ଭାଷ୍ୟ - ବାଣୀ ତୁମ ନାକୁ ଡାକୁଛି ଏବଂ ମନରେ ତୁମର ମନନ ହେଉଅଛି ଏବଂ ଯାହା ଦ୍ୱାରା ତୁମର ସ୍ମରଣ ଓ ମନନ ହୁଏ ସେହି ମନ ଏବଂ ବାଣୀରେ ତୁମେ ସର୍ବଦା ବ୍ୟାପକ ଅଟ । ଏବେ କାହାକୁ ସଂଭାଳି ତୁମର ଭକ୍ତି କରାଯାଇ ପାରିବ ? ସର୍ବବ୍ୟାପକ ପ୍ରଭୁ, ସର୍ବତ୍ର ମନ ଏବଂ ବାଣୀ ତଥା ଆତ୍ମାରେ ବ୍ୟାପକ ରହିଛ । ଏବେ ପରମ ଦର୍ଶନ ପରେ କେଉଁ ସାଧନା କରିବାର ଅଛି ? ପରଂବ୍ରହ୍ମ ପ୍ରାପ୍ତି ପରେ ଆନନ୍ଦ ଉପଭୋଗୀ ଆତ୍ମା ପୂର୍ଣ୍ଣ ସଫଳ ହୋଇ କୃତକୃତ୍ୟ ହୋଇଯାଏ, ତା ନିକଟରେ ବାକି ଆଉ କିଛି ରହିନାହିଁ ।

**ଧ୍ୟାନ ସମାଧୀ ଅବ କହାଁ, ହମ**
**ତୁମ ମାହିଁ ସମାୟ ।**
**ତୁ ତୁ ତୁ ହୀ ରହି ଗୟା, ସହଜ**
**ସମାଧି ଜଗାୟ ॥୨୬॥**

ଭାଷ୍ୟ - ଯେତେବେଳେ ଆତ୍ମା, ପ୍ରକୃତି ଆଧାରକୁ ଛାଡ଼ି ନିଜର ଚେତନସ୍ୱରୂପରେ ପରଂବ୍ରହ୍ମଙ୍କୁ ପ୍ରାପ୍ତ କରି ନେଇଛି ଓ ସେଥିରେ ତନ୍ମୟ ହୋଇ ନିଜର ଶୁଦ୍ଧସ୍ୱରୂପକୁ ପ୍ରାପ୍ତ କରି ନିଇଛି, ସେତେବେଳେ ଧ୍ୟାନ ଓ




ସମାଧି କାହାର କରାଯିବ ! ଏବେ ତ ଚାରିଆଡ଼େ ଆଉ ଭିତର ବାହାର ସେହି ପରମ ପ୍ରଭୁ ପ୍ରକଟ ଦେଖା ଯାଉଛନ୍ତି ଆଉ ସ୍ୱାଭାବିକ ଗତିରେ ସହଜ ସମାଧି ସର୍ବଦା ଜାଗ୍ରତ ରହିଛି ।

**ତୁତୁ କରତା ତୂ ଭୟା, ଭୁଲ ମେଁ**
**ଚେତନ ରୂପ ।**
**ଭୀତର ବାହର ତୁମହିଁ ହୋ,**
**ଅଦ୍‌ଭୁତ ଶବ୍ଦ ସ୍ୱରୂପ ॥୨୭॥**

ଭାଷ୍ୟ - ତୁମର ଆରାଧନା କରୁ କରୁ ତୁମ ସ୍ୱରୂପକୁ ପ୍ରାପ୍ତ ହୋଇଗଲା ଆଉ ମୋର ନିଜର ଚେତନସ୍ୱରୂପ ବିସ୍ମରଣ ହୋଇଗଲା । ଏବେ ଭିତର ବାହାର ତୁମର ଅଭୁତ ଶବ୍ଦସ୍ୱରୂପ ହିଁ ସର୍ବଦା ଦେଖାଯାଏ । ଧ୍ୟେର ଧ୍ୟାନ କରୁ କରୁ ଧ୍ୟାତା ଧ୍ୟେୟର ସ୍ୱରୂପକୁ ପ୍ରାପ୍ତ କରିନିଏ । ଜୀବ, ପରଂବ୍ରହ୍ମର ଉପାସନା କରୁ କରୁ ଲୌହ ଅଗ୍ନିବତ୍ ପରଂବ୍ରହ୍ମ ସହିତ ସାଧର୍ମ୍ୟକୁ ପ୍ରାପ୍ତ କରିନିଏ ।

**ଥାହତ ଅନୁଭଓ୍ୱ ଜ୍ଞାନ ମେଁ,**
**ଅମିତ ଅନନ୍ତ ଅଥାହ ।**
**ଗୋତା ଲାବ ସମୁଦ୍ର ମେଁ, ଦଶୋ**
**ଦିଶା ସମ ଆହ ॥୨୮॥**

ଭାଷ୍ୟ - ପ୍ରଭୁସତ୍ତା ଅନୁଭବ, ଜ୍ଞାନରେ ଅନନ୍ତ, ଅପରିମିତ ଆଉ ଅଥଳ ଅଟେ, ତାକୁ ମାପି ହେବନାହିଁ । ସମୁଦ୍ରରେ ବୁଡ଼ିଲା ପରେ ଯେପରି ଚତୁର୍ଦ୍ଦିଗ ଜଳ ହିଁ ଜଳ ଦୃଶ୍ୟମାନ ହୋଇଥାଏ ସେହି ପରି ଯୋଗ ସମାଧିରେ ଉର୍ଦ୍ଧ୍ୱମୁଖୀ ହୋଇ ଅନ୍ତର୍ଲୀନ ହେଲେ ଚାରିଆଡ଼େ ଭିତରେ ବାହାରେ ବ୍ରହ୍ମ ହିଁ ବ୍ରହ୍ମ ପ୍ରତ୍ୟକ୍ଷ ଅନୁଭବ ହୋଇଥାଏ ।

**ହେ ପ୍ରଭୁ ମହିମା ଆପକୀ,**
**କୌନ କହେ ତୁମ ଦେଖ ।**
**ନେତି ନେତି ୱେଦନ କହା,**
**ସହସ ଶାରଦସ ଶେଷ ॥୨୯॥**

ଭାଷ୍ୟ - ପରଂବ୍ରହ୍ମଙ୍କ ସାକ୍ଷାତ୍‌କାର, ଅନୁଭବର ମହତ୍ତ୍ୱକୁ କିଏ କହିପାରିବ ? ହେ ପ୍ରଭୁ । ଆପଣଙ୍କର ମହିମାର ଅନ୍ତ ନ ପାଇ ସହସ୍ର ସରସ୍ୱତୀ ଏବଂ ବେଦ ନେତି ନେତି କହୁଛନ୍ତି ।

**ମାପ ନାପ ସବ ଅନ୍ତ ହୈ, ବୁଦ୍ଧି**
**ୱିଜ୍ଞାନପ ଶାନ୍ତ ।**
**ସତ୍ତା ପୂର୍ଣ୍ଣ ଅନନ୍ତ ହୈ, ସର୍ୱ**
**ଅନନ୍ତ ଅନନ୍ତ ॥୩୦॥**

ଭାଷ୍ୟ - ଜୀବକୁ ବୁଦ୍ଧି ଦ୍ୱାରା ଯାହା କିଛି ଜ୍ଞାନ ମିଳିଛି, ସେ ସବୁର ଆଧାର ସୀମା ରହିଛି ଆଉ ସେ ସମସ୍ତ ଜ୍ଞାନ ପରିମିତ ଶାନ୍ତ ଅଟେ । ପୂର୍ଣ୍ଣ ପରମପ୍ରଭୁ ଅନନ୍ତ ଅଟନ୍ତି ଏବଂ ତାଙ୍କର ସମସ୍ତ କ୍ରିୟା ତଥା ଗୁଣ ମଧ୍ୟ ଅନନ୍ତ ଅଟେ ।

**ଭକ୍ତି ଆପନୀ ଦୀଜିୟେ, ନିରତି**
**ନିରନ୍ତର ନାମ ।**
**ଭ୍ରମ ଅଭିମାନ ନ ଆୱଈ, ପ୍ରେମ**
**ଅଚଲ ନିଷ୍କାମ ॥୩୧॥**

ଭାଷ୍ୟ - ହେ ପ୍ରଭୁ ! ନିରତିଶୟ, ନିରନ୍ତର ନାମରେ ନିଜର ଭକ୍ତି ପ୍ରଦାନ କରନ୍ତୁ ଯେଉଁଥିରେ କୌଣସି ପ୍ରକାରର ଭ୍ରମ ତଥା ଅଭିମାନ ନ ରହୁ ଆଉ ନିଷ୍କାମ, ଦୃଢ଼ ପ୍ରେମ ସ୍ଥିର ରହୁ ।

**ପ୍ରଣପାଲକ ପ୍ରତିପାଲ ପ୍ରଭୁ,**
**ସହଜ ଭକ୍ତି ଜନ ମାଁହ ।**
**ଦେୱ ସଦାଫଲ ରାଖିୟେ, ଅନ୍ତ**
**ଶରଣ କୀ ଛାଁହ ॥୩୨॥**

ଭାଷ୍ୟ - ହେ ପ୍ରତିଜ୍ଞାକୁ ପୂରଣ କରୁଥିବା ରକ୍ଷକ ପରମ ପ୍ରଭୁ ! ମୋତେ ନିଜର ସହଜ ଭକ୍ତି ପ୍ରଦାନ କରି ଯାବତ୍ ଜୀବନ ନିଜର ଚରଣ କମଳର ଛାୟାରେ ରଖନ୍ତୁ ।

॥ଇତି ସ୍ୱର୍ବେଦ ଚତୁର୍ଥ ମଣ୍ଡଳ, ଚତୁର୍ଦ୍ଦଶ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

# ଶରୀର ପାଇଁ ଭଲ ଉଷୁମ ପାଣି

କୁହନ୍ତି ଉଷୁମ ପାଣି ଶରୀର ପାଇଁ ଭଲ । ଥଣ୍ଡାଦିନ ହେଉ କି ଗରମ ଦିନ ସବୁ ସିଜନରେ ଉଷୁମ ପାଣି ପିଇବା ଅଭ୍ୟାସ ରଖନ୍ତୁ । ଉଷୁମ ପାଣି ପିଇବା ଦ୍ୱାରା ଓଜନ କମ୍ ହେବା ସହିତ ପେଟର ଯାବତୀୟ ଗଣ୍ଡଗୋଳ ଦୂର କରିଦେଇ ପାରେ । ଏଥି ସହିତ ସ୍କିନରେ ମଧ ଚମକ ଆଣିଥାଏ ।



ଉଷୁମ ପାଣି ପିଇବା ଦ୍ୱାରା ମୋଟାପା କଣ୍ଟ୍ରୋଲକୁ ଆସେ । ଏଥିରେ ମେଟାବଲିଜମ ଲେବଲ ସଠିକ୍ ରହିଥାଏ । ଯାହାଦ୍ୱାରା ଅସମୟରେ ଭୋକ ଲାଗି ନ ଥାଏ । ଏହା ଇମ୍ୟୁନିଟି ପାୱାରକୁ ବଢ଼ାଇ ଦେଇଥାଏ । ଯାବତୀୟ ପେଟ ରୋଗରୁ ମୁକ୍ତି ଦେଇଥାଏ ।

ଏତଦ୍ ବ୍ୟତୀତ ଇନଫେକ୍ସନରୁ ରକ୍ଷା କରିବା ସହିତ ବ୍ଲଡ଼ ସର୍କୁଲେସନ ଠିକ୍ ରଖିଥାଏ । ଏହା ମଧ ଅଧିକ ଥକା ଲାଗିବାକୁ ଦିଏନାହିଁ । ଏହା ଆମର ଡାଇଜେସନ ସିଷ୍ଟମକୁ ଠିକ୍ କରି ଦେଇଥାଏ । କୌଣସି ସ୍ଥାନ ପୋଡିବା, ଦରଜ ହେବା କିମ୍ବା କୁଣ୍ଡାଇ ହେବାର ମୁଖ୍ୟ କାରଣ ଇନଫେକ୍ସନ । ତେଣୁ ଏଥିରେ ଉଷୁମ ପାଣି ପିଇବା ଦ୍ୱାରା ବ୍ୟାକ୍ଟେରିଆ ସହଜରେ ମରିଯାଇଥାନ୍ତି ।

ଉଷୁମ ପାଣି ପିଇଲେ ବଡିର ବ୍ଲଡ ସର୍କୁଲେସନ ଠିକ୍ ରହିଥାଏ । ଶୀତଦିନ ପ୍ରାୟତଃ ବ୍ଲଡ କ୍ଲଟିଂ ସମସ୍ୟା ଦେଖା ଦେଇଥାଏ । ତେଣୁ ଏଥିରୁ ରକ୍ଷା ପାଇବାକୁ ପୂର୍ବରୁ ହିଁ ସତର୍କ ରହିବା ନିହାତି ଜରୁରୀ । ଏଥିରେ ଉଷୁମ ପାଣି ମହୌଷଧି ଭଳି କାମ କରିଥାଏ । ଉଷୁମ ପାଣି ବଡିକୁ ଆକ୍ଟିଭ ମଧ ରଖିଥାଏ । ତେଣୁ ଆପଣ ଏବେଠାରୁ ଉଷୁମ ପାଣି ପିଇବା ଅଭ୍ୟାସ କରନ୍ତୁ ।

## ଟିକିଏ ହସନ୍ତୁ

ଜଣେ ବ୍ୟକ୍ତି ଗାଡି ଚଳାଇ ଗଲାବେଳେ ଏକ ଶୁଆ ଆସି ଗାଡିରେ ବାଡେଇ ହେଇ ବେହୋସ୍ ହେଇଗଲା । ଏହା ଦେଖି ଗାଡି ଚାଳକ ଶୁଆଟିକୁ ଘରକୁ ନେଇଆସି ପାଣି ଛାଟିଲେ ଓ ତାକୁ ଏକ ପିଞ୍ଜରା ଭିତରେ ରଖିଦେଲେ ।

କିଛି ସମୟ ପରେ ଯେତେବେଳେ ଶୁଆର ହୋସ୍ ଆସିଲା ସେ କହିଲା:
ଆଇଲା... ମୁଁ ଜେଲ୍‌ରେ ଅଛି ?
ମୁଁ ଗାଡିରେ ପିଟି ହେବା ଯୋଗୁଁ ଚାଳକ ମରିଗଲା ନା କ'ଣ ?

× × × ×

ଶିକ୍ଷକ : ଜଣେ ମହିଳା ଏକ ଘଣ୍ଟାରେ ୫୦ଟି ରୁଟି ତିଆରି କରୁଛନ୍ତି । ତେବେ ଚାରିଜଣ ମହିଳା ଏକ ଘଣ୍ଟାରେ କେତୋଟି ରୁଟି ତିଆରି କରିବେ ? କିଏ କହିବ ?
ମଣ୍ଟୁ: ସାର୍ ମୁଁ କହିବି ।
ଶିକ୍ଷକ : ହଉ କହ ।
ମଣ୍ଟୁ: ଗୋଟେ ବି କରିପାରିବେ ନି ।
ଶିକ୍ଷକ : କ'ଣ ?
ମଣ୍ଟୁ: ହଁ ସାର୍, ଚାରିଜଣ ମହିଳା ଏକାଠି ହେଇଗଲେ ରୁଟି କରିବେ କ'ଣ ବସି ଗପସପ୍ ଓ ଚୁଗୁଲି କରିବେ ।



× × × ×

ଦୁଇଭାଇ ବୁଲିବାକୁ ବାହାରିଲେ
ବଡ ଭାଇ : ଆରେ ଛୋଟୁ, ମୋ ଗାଡି ଚାବିଟା ଟେବୁଲ୍ ଉପରେ ଥୁଆ ହୋଇଥିଲା ଆଣିବାକୁ ଭୁଲିଗଲି, ଗଲୁ ଟିକେ ଦେଖିବୁ ।
ସାନଭାଇ : ହଉ, ଘର ଭିତରକୁ ଆସି କହିଲା ଚାବି ମୁଁ ଦେଖିଲି ।
ବଡଭାଇ : ତୋତେ ଯଦି ଚାବି ଦେଖାଗଲା ଆଣିଲୁନି କାହିଁକି ? ଯା ଆଉଥରେ ଚାବି ଆଣିକି ଆସିବୁ ।
ସାନଭାଇ : ହଉ ଭାଇ ଯାଉଛି ।
ବଡଭାଇ : ଦେ ଚାବି ।
ସାନଭାଇ : ଭାଇ ହାତକୁ ମୋବାଇଲ୍ ଦେଇ କହିଲା – ଦେଖ ଭାଇ ଗାଡି ଚାବିର ଫଟୋ ମୁଁ ଉଠାଇ ନେଇ ଆସିଛି । ଦେଖ ମୋ କଥା ବିଶ୍ୱାସ କରୁନ ନା ଟେବୁଲ୍ ଉପରେ ହିଁ ଚାବି ଥୁଆ ହୋଇଛି ।

× × × ×

ଜଣେ ବ୍ୟକ୍ତି ପାଣି ବୋତଲ ଖୋଲି ପିଇବା ଆରମ୍ଭ କରିବା ସମୟରେ ଜଣେ କବାଡିଆ ଆସି ସେ ବୋତଲକୁ ଚାହିଁ ରହିଲା । ଏହା ଦେଖି ବ୍ୟକ୍ତି ଜଣକ କହିଲେ ତୁମକୁ ପାଣି ଦରକାର ।
କବାଡିଆ କହିଲା : ହଁ ।
ବ୍ୟକ୍ତି ଜଣକ କବାଡ଼ିଆକୁ ସଙ୍ଗେ ସଙ୍ଗେ ପାଣି ବୋତଲ ଦେଇଦେଲେ, କବାଡିଆ ବୋତଲ ନେଇ ସଙ୍ଗେ ସଙ୍ଗେ ସେଥିରେ ଥିବା ପାଣି ଢାଳି ତା' ଜରି ଥଳିଆରେ ଭର୍ତ୍ତି କରିଦେଲା । ଏହା ଦେଖି ବ୍ୟକ୍ତିଜଣକ ଆଶ୍ଚର୍ଯ୍ୟ !

# ଶ୍ରୀ ଜଗନ୍ନାଥ

## ଶ୍ୟାମ ସୁନ୍ଦର ମିଶ୍ର

ବଡ଼ଦାଣ୍ଡେ ରଥ ହୋଇ ସୁସଜ୍ଜିତ
ଡାକେ କାଳିଆ ଠାକୁର
ବିଜେ କର ପ୍ରଭୁ ଧନ୍ୟ ହେବି ମୁହିଁ
ଚାହିଁ ଅଛି ବର୍ଷେ କାଳ (୧)
ତୁମ୍ଭେ ବିଜେକଲେ ପାଇମୁଁ ସାନିଧ
ସାର୍ଥକ ହେବ ଜୀବନ
ନିର୍ଜୀବ କାଷ୍ଠ ମୁଁ ପାଇବି ଜୀବନ
ତୁମ୍ଭେ ଅଟ ମୋର ପ୍ରାଣ । (୨)
ପାର୍ଶ୍ୱ ଦେବା ଦେବୀ ଚାହିଁ ବସିଛନ୍ତି
ହୋଇଣ କେତେ ବ୍ୟାକୁଳ
ତୁମ୍ଭ ସଙ୍ଗେଯାତ କରିବେ ସିଏତ
ହୋଇତୁମ୍ଭ ଗଳାମାଳ । (୩)
କାହାରି ନଜର ନ ପଡିବ ବୋଲି
ଘେରିଛନ୍ତି ଦେବଗଣ
ତୁମ୍ଭ ସଙ୍ଗେରଥେ ବିଜେ କରି ସିଏ
ନିଜକୁ ମଣନ୍ତି ଧନ୍ୟ । (୪)
ଦାରୁକ ସହିତ ମାତାଳି ଅର୍ଜ୍ଜୁନ
ତିନିରଥର ସାରଥି
ଆନନ୍ଦ ହୋଇଣ ରଥ ନେଇ ଯିବେ
ବଡ଼ ଦାଣ୍ଡରେ ଗଡ଼ାଇ । (୫)
ରଥ ଯିବ ଗଡ଼ି ଭକ୍ତ ଥିବେ ଭିଡି
ମାଉସୀ ମାଁଆ ଘରକୁ
ବର୍ଷେ କାଳ ହେଲା ଚାହିଁ ବସିଛନ୍ତି
ସତେ କାଳିଆ ଧନକୁ (୬)
ପତିତ ଜନ ଯେ ଉଦ୍ଧାର କରିବ
ରଥପରେ ତୁମ୍ଭେ ବସି
ତୁମ୍ଭ ଦିବା ରୂପ ଦର୍ଶନ କରିଣ
ଭକ୍ତ ହେଉ ଥିବେ ଖୁସି । (୭)
କେତେ କେତେ ଦ୍ରବ୍ୟ କରି ଆୟୋଜନ
ମାଉସୀ ମାଁଆ ଯେ ପୁଣି
ଛେନା ଗଜା ସହ ମାଳପା କାକରା
ଅଛି ଯେ ସରଳବଣୀ । (୮)
ପୋଡ଼ ପିଠା ସେ ଯେ ଅତିପ୍ରିୟ ବୋଲି
ଏଣୁ ଯେ ତିଆରି କରି
ମାଉସୀ ମାଁ ଆ ଯେ ଚାହିଁ ବସିଛନ୍ତି
ଖାଇବ ଯେ ମନଭରି । (୯)
ବିଜେ ହେବ ପ୍ରଭୁ ଜନ୍ମବେଦୀ ଠାରେ
ସଙ୍ଗତେ ଭଉଣୀ ଭାଇ
ଭକ୍ତମାନେ ଧନ୍ୟ ହୋଇଣ ଯେ ଯିବେ
ତୁମ୍ଭ ଦରଶନ ପାଇ । (୧୦)
ଲକ୍ଷ୍ମୀ ଠାକୁରାଣୀ ମନମାରି ବସି
ଏକାନ୍ତେ ବଡ଼ ଦେଉଳେ
ଭାବୁଛନ୍ତି ସିଏ ଛେରା ପଞ୍ଚମୀରେ
ବିଜେ ହେବେ ତୁମ୍ଭ ଠାରେ । (୧୧)
ଜଣାଇବେ ରାଗ ମାନ ଅଭିମାନ
ରଥ ଭାଙ୍ଗିବେ ହାତରେ
ରାଗତମତମ ହୋଇଣ ଫେରିବେ
ପୁଣି ସେ ଶ୍ରୀ ମନ୍ଦିରରେ । (୧୨)
ଆଠ ଦିନ ପରେ ଫେରି ଯେ ଆସିବ
ପୁଣି ତ ବଡ଼ ଦେଉଳେ
ରସଗୋଲା ଦେଇ ମାନ ଯେ ଭାଙ୍ଗିବ
ରୋଷ ଭାଙ୍ଗିଯିବ ବଳେ । (୧୩)
ଦୁରୁଥାଇ ପ୍ରଭୁ ଦେଖୁଅଛି ମୁହିଁ
ତୁମ୍ଭ ସେ ଦିବ୍ୟ ରୂପକୁ
କରୁଣା କରିବ ଜଗତ ଠାକୁର
ଦୀନ ଶ୍ୟାମ ସୁନ୍ଦରକୁ । (୧୪)
ଓଁ ଜୟ ଜଗନ୍ନାଥ ନମଃ ।

**ଝାରସୁଗୁଡ଼ା**

# ବହୁ ଉପକାରୀ କଞ୍ଚା ଅମୃତଭଣ୍ଡା

କଞ୍ଚା ଅମୃତଭଣ୍ଡା ଆମ ଶରୀର ପାଇଁ ବହୁତ ଲାଭକାରୀ ହୋଇଥାଏ । ଏଥିରେ ଭିଟାମିନ୍ ଏ, ସି, ଓ ଇ ଭରପୁର ମାତ୍ରାରେ ଥାଏ । ଏହା ଆମ ଶରୀରର ରୋଗ



ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ । ଲିଭରକୁ ସୁସ୍ଥ ରଖିବାରେ କଞ୍ଚା ଅମୃତଭଣ୍ଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜଣ୍ଡିସ୍ ହେଲେ ଲିଭର୍ ଦୁର୍ବଳ ହୋଇଯାଏ । ତେଣୁ ରୋଗୀମାନଙ୍କୁ କଞ୍ଚା ଅମୃତଭଣ୍ଡାର ସାଲାଡ୍ ଭାବେ ଖାଇବାକୁ ଦିଆଯାଏ । ଏହା ଦ୍ୱାରା ରୋଗୀର ଲିଭର ସୁସ୍ଥ ରହେ । ସେହିପରି କଞ୍ଚା ଅମୃତଭଣ୍ଡା ଥଣ୍ଡା, କାଶ ଓ ଇନଫେକ୍ସନ୍ ସହିତ ମଧ ଲଢ଼ିଥାଏ । ପରିସ୍ରା ସମ୍ପର୍କିତ ସମସ୍ୟାଗୁଡିକ କଞ୍ଚା ଅମୃତଭଣ୍ଡା ଖାଇବା ଦ୍ୱାରା ଦୂର ହୋଇଥାଏ । କଞ୍ଚା ଅମୃତଭଣ୍ଡା ଶରୀରକୁ ବ୍ୟାକ୍ଟେରିଆ ସଂକ୍ରମଣରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଯେଉଁ ବ୍ୟକ୍ତି କୋଷ୍ଠକାଠିନ୍ୟର ଶିକାର ହୋଇଥିବେ, ସେମାନଙ୍କୁ ନିଶ୍ଚିତ ଭାବେ କଞ୍ଚା ଅମୃତଭଣ୍ଡା ଖାଇବା ଦରକାର । କାରଣ କଞ୍ଚା ଅମୃତଭଣ୍ଡାରେ ପୈପିନ ନାମରେ ଏକ ଏନ୍ ଜାଇମ୍ ଥାଏ । ଏହା ପ୍ରାକୃତିକ ଉପାୟରେ କୋଷ୍ଠକାଠିନ୍ୟକୁ ଭଲ କରିବାରେ ସହାୟକ ହୋଇଥାଏ । ତେଣୁ ସମସ୍ତେ କଞ୍ଚା ଅମୃତଭଣ୍ଡା ଖାଇବା ଉଚିତ ।

## ତାଳର ଉପକାରିତା

ଗାଁ ଗହଳିରେ ବହୁଳ ଭାବରେ ତାଳ ଗଛ ଦେଖିବାକୁ ମିଳିଥାଏ । କଞ୍ଚା ତାଳ ଯେତେ ସ୍ୱାଦିଷ୍ଟ ପାଚିଲା ତାଳ ଓ ତାଳ ଗଜା ଖାଇବାକୁ ଖୁବ୍ ଭଲ ଲାଗିଥାଏ । ତାଳ ଗଛର ତାଳଠାରୁ ଆରମ୍ଭ କରି ମୂଳ ପର୍ଯ୍ୟନ୍ତ ସବୁକିଛି କାମରେ ଲାଗିଥାଏ ।

ତାଳ ସଜକୁ ଖରାଦିନେ ଖାଇଲେ ଶରୀରର ଜଳୀୟ ଅଂଶ ଅଭାବ ଦୂର କରିଥାଏ । ଏଥିରେ ପ୍ରଚୁର ଭିଟାମିନ୍ ରହିଛି ।

ପାଚିଲା ତାଳକୁ ଖାଇବା ଫଳରେ ରକ୍ତ ସଫା ହୋଇଥାଏ, ମୂତ୍ରରୋଗ ଦୂର କରେ ।

ତାଳରୁ ଗୁଡ଼ ପ୍ରସ୍ତୁତ ହୋଇଥାଏ । ତାଳ ପାକଳ ପତ୍ରରେ ପୂର୍ବରୁ



ଜାତକ ତିଆରି ହେଉଥିଲା । ତାଳପତ୍ରର ମାଦଳାପାଞ୍ଜି ଜଗନ୍ନାଥ ମନ୍ଦିରରେ ଏବେ ବି ରହିଛି ।

ତାଳ ପତ୍ରର ଫାଉଡ଼ାରେ ବାଣି ତିଆରି କରାଯାଇ କାଠ ବିଡ଼ା ବନ୍ଧାଯାଏ । ଏଥି ସହିତ ତାଳପତ୍ରକୁ ଶୁଖାଇ ବିଛଣା, ଚଟେଇ ଓ ଭୋଗ ଡାଲା ଆଦି ତିଆରି କରାଯାଇଥାଏ ।

ତାଳର ଗଣ୍ଡିକୁ ଘରର ମୂଳ ଖୁଣ୍ଟ ରୂପରେ ବ୍ୟବହାର କରାଯାଇଥାଏ । ଏହା ଖୁବ୍ ଶକ୍ତିଶାଳୀ । ଚାଳ ଘରଠାରୁ ଆଜବେଷ୍ଟସ ଘର ତିଆରି କାମରେ ତାଳ ସେଣି ବ୍ୟବହାର କରାଯାଇଥାଏ ।

ପାଚିଲା ତାଳ ଗଛରୁ ଝଡ଼ିବା ପରେ ଏହାର କଳା ଚୋପା କାଢ଼ି ଚେର ଅଂଶକୁ ପାଣିରେ ଚକଟି ଏଥିରୁ ରସ ବାହାର କରି ଏହାକୁ ଛାଣି ଚାଉଳ ବଟାରେ ମିଶାଇ ପିଠା କରି ଖାଇବା ଫଳରେ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ ।

ଏଥି ସହିତ ପାକଲା ତାଳ ସଜକୁ ଚାଳ କିମ୍ବା ମାଟି ଉପରେ ରଖିବାର କିଛି ଦିନ ପରେ ତାଳ ମଞ୍ଜି ଶୁଖିଯାଇଥାଏ ପରେ ଏଥିରୁ ଗଜା ବାହାରି ଥାଏ । ତାଳ ଗଜା ସୁଆଦିଆ ।

ତାଳ ଗଜା କୁମାର ପୂର୍ଣ୍ଣିମା ଦିନ ଚାନ୍ଦରେ ଚକଟା ଯାଇ ପୂଜା କରାଯାଇଥାଏ ।

ତାଳ ତିଆରି ପକ୍ଷିଆକୁ ବର୍ଷାରୁ ରକ୍ଷା କରିବା ପାଇଁ କୃଷକମାନେ ବିଲକୁ ପିନ୍ଧି ଯାଇଥାନ୍ତି ।

ଗାଁ ଗହଳିରେ ତାଳପତ୍ର ତିଆରି କୁଡ଼ିଆ ଘରେ ଲୋକ ବାସ କରିଥାନ୍ତି ।

## ଜୁସ୍ ଦୂର କରେ ରୋଗ

ମଣିଷ ଅସୁସ୍ଥ ହୋଇ ବିଭିନ୍ନ ରୋଗରେ ପୀଡିତ ହେଲେ ରୋଗର ଚିକିତ୍ସା ପାଇଁ ଆବଶ୍ୟକ ହୁଏ ଔଷଧ । ଫଳରସ ବା ଜୁସ୍ ରୋଗ ଉପଶମରେ ସହାୟକ ହୋଇଥାଏ ।

ରକ୍ତ ଅପରିଷ୍କାର ହେଲେ: ଶରୀରରେ ଥିବା ରକ୍ତ ଯଦି କୌଣସି କାରଣରୁ ଦୂଷିତ ହୁଏ ତା'ର ବିଶୁଦ୍ଧି ଏକାନ୍ତ ଆବଶ୍ୟକ । ଲେମ୍ବୁ, ଗାଜର, କୋବି, ବିଟ୍, ପାଳଙ୍ଗ, ସେଓ, ତୁଳସୀ, ନିମ୍ବ ଏବଂ ବେଲ ପତ୍ରରେ ଜୁସ୍ ପ୍ରସ୍ତୁତ କରି ପିଇଲେ ରକ୍ତ ପରିଷ୍କାର ହେବାରେ ସହାୟକ ହୋଇଥାଏ ।

ଆଜମା ହୋଇଥିଲେ: ଶ୍ୱାସ ବା



ଆଜ୍‌ମା ଏକ କଷ୍ଟଦାୟକ ରୋଗ । ଏଥିପାଇଁ ନିୟମିତ ଚିକିତ୍ସାର ଆବଶ୍ୟକତା ରହିଛି । ତେବେ ରସୁଣ, ଅଦା, ତୁଳସୀ, ବିଟ୍, କୋବି, ଗାଜର, ଜୁସ୍ ସହ ପାଳଙ୍ଗର ସୁପ୍ କିମ୍ବା ଛେଳି କ୍ଷୀର ପିଇବାକୁ ଦେଲେ ରୋଗ ହ୍ରାସ ପାଇଥାଏ ।

ଉଚ୍ଚ ରକ୍ତଚାପ: ହାଇ ବ୍ଲଡ ପ୍ରେସର ବା ଉଚ୍ଚ ରକ୍ତଚାପ ମଣିଷକୁ ସ୍ୱାଭାବିକ ଜୀବନ ଧାରାଠାରୁ ଦୂରେଇ ଦିଏ । ସବୁବେଳେ ଜଗି ରଖି ଚଳିବାକୁ ହୁଏ । ଔଷଧର ସାହାଯ୍ୟ ନେବାକୁ ହୁଏ । ତେବେ ଗାଜର ବା ଅଙ୍ଗୁର ଜୁସ୍ ପିଇଲେ ଏହା ନିୟନ୍ତ୍ରଣରେ ରହିଥାଏ ।

ନିମ୍ନ ରକ୍ତଚାପ: ଉଚ୍ଚ ରକ୍ତଚାପ ଭଳି ନିମ୍ନ ରକ୍ତଚାପ ବା ମଣିଷକୁ ସାଧାରଣ ଜୀବନ ବିତାଇବା କ୍ଷେତ୍ରରେ ବାଧକ ହୁଏ । ତେଣୁ ଏହାର ଉପଚାର ନିହାତି ହେବା ଉଚିତ । ଏପରି ରୋଗୀ ଚିନି ପାଣି କିମ୍ବା ମିଠା ଫଳ ରସ ନିୟମିତ ପିଇବା ଉଚିତ୍ । ବିଶେଷ କରି ଅଙ୍ଗୁର ଏବଂ ମୌସୁମୀ ରସ ଲାଭଦାୟକ ସାବ୍ୟସ୍ତ ହୋଇଥାଏ ।

ଜଣ୍ଡିସ୍: କାମଳ ବା ଜଣ୍ଡିସ ରୋଗ ହେଲେ ଶରୀରର ବିଭିନ୍ନ ଅଙ୍ଗକୁ ଏହା ପ୍ରଭାବିତ କରେ । ପରିସ୍ରା ହଳଦିଆ ଦିଶେ । ଲିଭର ବା ଯକୃତର କାର୍ଯ୍ୟ କ୍ଷମତା କମିଯାଏ । ଏହି ରୋଗର ଡାକ୍ତରୀ ଓ ଆୟୁର୍ବେଦ ଚିକିତ୍ସା ରହିଛି । ତେବେ ଅଙ୍ଗୁର, ସେଓ ଓ ମୌସମ୍ବୀ ଜୁସ୍ ପିଇଲେ ରୋଗୀକୁ ଫାଇଦା ମିଳିଥାଏ ।

ବ୍ରଣ ଦାଗ ଦୂର ପାଇଁ: ମୁହଁରେ ବ୍ରଣ ହୋଇ ଦାଗ ରହୁଥିଲେ ଚିନ୍ତା କରିବାର କୌଣସି କାରଣ ନାହିଁ । ଜୁସ୍ ପାନ କଲେ ଏହା ମଧ ଦୂର ହୋଇଯାଏ । ଗାଜର, ତରଭୁଜ, ପିଆଜ, ତୁଳସୀ ଏବଂ ପାଳଙ୍ଗ ରସ ଏଥିପାଇଁ ବିଶେଷ ସହାୟକ ହୋଇଥାଏ ।

## ଆପଣ ଜାଣନ୍ତି କି ?

- ୧୯୬୬ ଡିସେମ୍ବର ୨୨ ରେ ୧୦ ତମ ଶିଖ୍ ଗୁରୁ, ଗୁରୁ ଗୋବିନ୍ଦ ସିଂହ ଜନ୍ମ ହୋଇଥିଲେ ।
- ୧୯୩୪ ଡିସେମ୍ବର ୧୯ ରେ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ପାଟିଲ୍ ଜନ୍ମ ହୋଇଥିଲେ ।
- ୧୯୭୧ ଡିସେମ୍ବର ୧୬ରେ ଭାରତ ବଙ୍ଗଳା ଦେଶ ଯୁଦ୍ଧରେ ପାକିସ୍ତାନକୁ ହରାଇଥିଲା ।
- ୧୯୬୧ ଡିସେମ୍ବର ୧୮ରେ ଗୋଆ, ଦାମନ ଓ ଡିଉକୁ ମୁକ୍ତ କରିବା ପାଇଁ ଭାରତ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା ।
- ୧୯୯୭ ଡିସେମ୍ବର ୨୭ ରେ ଭାରତୀୟ କବି ମର୍ଜା ଗାଲିବ ଜନ୍ମ ହୋଇଥିଲେ ।
- ୧୮୮୫ ଡିସେମ୍ବର ୨୮ ରେ ବିଶ୍ୱର ସବୁଠାରୁ ବଡ଼ ଓ ପୁରୁଣା ରାଜାନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସର ମୂଳଦୁଆ ପଡିଥିଲା ।
- ୧୮୯୪ ଜାନୁଆରୀ ୧ରେ ଭାରତୀୟ ପଦାର୍ଥ ବିଜ୍ଞାନ ସତ୍ୟେନ୍ଦ୍ର ନାଥ ବୋଷ ଜନ୍ମ ହୋଇଥିଲେ ।
- ୧୯୪୨ ଡିସେମ୍ବର ୨୯ରେ ବଲିଉଡର ପ୍ରଥମ ସୁପର ଷ୍ଟାର ରାଜେଶ ଖାନ୍ନା ଜନ୍ମ ହୋଇଥିଲେ ।
- ୧୯୫୦ ଡିସେମ୍ବର ୧୫ରେ 'ଆଇରନ ମ୍ୟାନ୍' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମୃତ୍ୟୁବରଣ କରିଥିଲେ ।
- ୨୦୧୨ ଡିସେମ୍ବର ୨୦ରେ ନରେନ୍ଦ୍ର ମୋଦୀ ଲଗାତାର ତୃତୀୟ ଥର ପାଇଁ ଗୁଜରାଟ ବିଧାନସଭା ନିର୍ବାଚନ ଜିତିଥିଲେ ।

## ଗୁଣକାରୀ ଗଙ୍ଗଶିଉଳୀ

ରାତି ପାହିଲେ ବୃନ୍ତରୁ ଝଡି ଭୂମିରେ ସୁନ୍ଦର ଶଯ୍ୟା ସୃଷ୍ଟି କରି ସୁବାସିତ ବାସ୍ନାରେ ଚତୁର୍ଦ୍ଦିଗକୁ ମହକାଇ ଦେବା ସହିତ ଶିବଙ୍କର ପ୍ରିୟ ଫୁଲ ରୂପେ ବିବେଚିତ ଗଙ୍ଗଶିଉଳୀ । ନାରୀର ଚୁଡ଼ର ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ ଏହି ଫୁଲ । କେବଳ ସୌନ୍ଦର୍ଯ୍ୟ ନୁହେଁ, ଆହୁରି ମଧ ଗଙ୍ଗ ଶିଉଳୀ ଫୁଲ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । କେବଳ ଫୁଲ ଯେ, ସୌନ୍ଦର୍ଯ୍ୟ ବୃଦ୍ଧି କରେ ତାହା ନୁହେଁ, ଏହାର ପତ୍ର ଓ ଛାଲି ବହୁ ରୋଗ ପାଇଁ ମହୌଷଧି ତୁଲ୍ୟ ।



ଗଙ୍ଗଶିଉଳୀ ପତ୍ରର ରସକୁ ନିୟମିତ ଚା' କରି ପିଇବା ଦ୍ୱାରା ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ ।

ପିଲାଙ୍କ ପେଟରେ କୃମିକୁ ମଧ ନାଶ କରିବା ସହିତ ଚନ୍ଦାପଣ, ସ୍ତ୍ରୀରୋଗ ପାଇଁ ଗଙ୍ଗଶିଉଳୀ ଖୁବ୍ ଫଳପ୍ରଦ ।

ଜଏଣ୍ଟ ପେନ୍ ହେଉଥିଲେ ଗଙ୍ଗ ଶିଉଳୀର ୬/୭ ଟି ପତ୍ରକୁ ବାଟି ପାଣି ଦେଇ ଚୁଲିରେ ବସାଇ ଫୁଟାନ୍ତୁ । ପାଣି ଏକ ଭାଗ ରହିବା ପରେ ଏହାକୁ ଥଣ୍ଡା କରି ସକାଳୁ ଖାଲି ପେଟରେ ନିୟମିତ ପିଇବା ଫଳରେ ରୋଗ ଉପଶମ ହୋଇଥାଏ ।

କାଶ ଓ ଜ୍ୱର ପାଇଁ ଗଙ୍ଗ ଶିଉଳୀ ପତ୍ର ରାମବାଣ ସଦୃଶ । ଗଙ୍ଗ ଶିଉଳୀ ପତ୍ରକୁ ପାଣିରେ ସିଝାଇ ନିୟମିତ ପିଇବା ଫଳରେ କାଶ ଦୂର ହୋଇଥାଏ । ଏହାର ପତ୍ରକୁ ବାଟି ମହୁ ସହିତ ମିଶାଇ ପିଇବା ଫଳରେ ଜ୍ୱର ରୋଗ ଦୂର ହୋଇଥାଏ ।

ଗଙ୍ଗ ଶିଉଳୀର ୮/୧୦ ଟି ପତ୍ରକୁ ପାଣି ସହିତ ଧୀମା ଆଞ୍ଚରେ ବସାଇ ସିଝାନ୍ତୁ, ପାଣି ଅଧା ହୋଇଯିବା ପରେ ଏହାକୁ ଚୁଲିରୁ ଓହ୍ଲାଇ ଆଣନ୍ତୁ । ଥଣ୍ଡା ହେବା ପରେ ସକାଳ ଓ ସନ୍ଧ୍ୟାରେ ଖାଲି ପେଟରେ ଏହି ପାଣି ପିଅନ୍ତୁ ଖୁବ୍ କମ୍ ଦିନରେ ଆପଣଙ୍କ ରୋଗ ଉପଶମ ହୋଇଯିବ ।

## ଔଷଧ ପରି କାମକରେ କୋଳାଏ ରସୁଣ

ରସୁଣ ସମସ୍ତଙ୍କ ରୋଷେଇ ଘରେ ନିଶ୍ଚୟ ଥିବ । କିନ୍ତୁ ଏହାର ଔଷଧୀୟ ଗୁଣ ବିଷୟରେ ଆପଣ କେତେ ଜାଣନ୍ତି ? ୧୦୦ ଗ୍ରାମ୍ ରସୁଣରୁ ପ୍ରାୟ ୧୫୦ କ୍ୟାଲୋରି ମିଳିଥାଏ । ରସୁଣ ଭିଟାମିନ୍ ବି-୧, ବି-୨, ବି-୩, ବି-୬, ଫଲେଟ, ଭିଟାମିନ୍ ସି, କ୍ୟାଲସିୟମ୍, ଲୌହ, ମ୍ୟାଗନେସିୟମ, ମାଙ୍ଗାନିଜ, ପୋଟାସିୟମ, ସୋଡିୟମ ଓ ଦସ୍ତାରେ ସମୃଦ୍ଧ ।



ରକ୍ତ ଶୋଧକ: ତ୍ୱଚାରେ ବ୍ରଣ ବାହାରୁ ଥିଲେ ରକ୍ତକୁ ପରିଷ୍କାର କରିବା ପାଇଁ ନିୟମିତ ସକାଳେ ଓ ସନ୍ଧ୍ୟାରେ ୨ କୋଳା ରସୁଣ ଖାଇ ହାଲକା ଗରମ ପାଣି ପିଅନ୍ତୁ । ସାରା ଦିନ ଭରପୂର ପାଣି ପିଇବାକୁ ଭୁଲନ୍ତୁ ନାହିଁ । ରସୁଣ ପେଟକୁ ସଫା କରିବା ସହ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିଥାଏ ।

ଥଣ୍ଡା ଓ ଫ୍ଲୁ: ନିୟମିତ ୨/୩ ଟି କଞ୍ଚା ରସୁଣ ଖାଇବା ଦ୍ୱାରା ଥଣ୍ଡା ଓ ଫ୍ଲୁରୁ ରକ୍ଷା ପାଇ ପାରିବେ । ତା' ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ମଧ ବଢ଼ାଇଥାଏ ।

ହୃଦଘାତରୁ ରକ୍ଷା କରେ: ନିୟମିତ ରସୁଣ ଖାଇବା ଦ୍ୱାରା ଏଲିସିନର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଯୋଗୁଁ କୋଲୋଷ୍ଟରଲ ସ୍ତର କମ୍ ରହିଥାଏ । ଏଥି ସହିତ ରକ୍ତଚାପ ଓ ରକ୍ତ ଶର୍କରା ସ୍ତର ମଧ ନିୟନ୍ତ୍ରିତ ରହେ ।

## କହିପାରିବେ କି ?

(୧) ଭାରତୀୟ ପୁରୁଷ ହକି ଟିମ୍‌ର କ୍ୟାପ୍ଟେନ କିଏ ?
(୨) ପଟିଆଲାରେ ୨୪ ତମ ଫେଡେରେସନ କପ ସିନିୟର ଆଥେଲେଟିକ୍ସ ଚାମ୍ପିୟନସିପ୍‌ରେ ଜିତିଥିବା ମହିଳାଙ୍କ ନାମ କ'ଣ ?
(୩) ଜାପାନ ଏବଂ ଅଷ୍ଟ୍ରେଲିଆ କେଉଁ ପ୍ରକାର କୋଇଲାରୁ ହାଇଡ୍ରୋଜେନ ଉତ୍ପାଦନ କରିଛନ୍ତି ?
(୪) 'ଓ୍ୱାନ୍ ଡେ କ୍ରିକେଟ'ରେ ୭୦୦୦ ରନ୍ କରିଥିବା ମହିଳା କ୍ରିକେଟରଙ୍କ ନାମ କ'ଣ ?
(୫) ଥୋମାସ୍ ବାକ୍‌ଙ୍କୁ କେତେ ବର୍ଷ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ଅଲମ୍ପିକ୍ ସମିତିର ଅଧକ୍ଷ ଭାବେ ଚୟନ କରାଯାଇଥିଲା ?
(୬) କେଉଁ ରାଜ୍ୟରେ ପ୍ରଥମ ବନ ଚିକିତସାଳୟ ଖୋଲା ଯାଇଥିଲା ?
(୭) '୧୩ ବର୍ଷୀୟା ଛାତ୍ରୀ ଅନ୍ୟା ଗୋୟଲଙ୍କୁ କେଉଁ ଟିମ୍‌ରେ ସାମିଲ୍ କରାଯାଇଥିଲା ?
(୮) ଅରୁଣାଚଳ ପ୍ରଦେଶରେ ବୈଜ୍ଞାନିକ କେଉଁ ପ୍ରଜାତିର ବୃକ୍ଷ ଆବିଷ୍କାର କରିଥିଲେ ?
(୯) କର୍ଣ୍ଣାଟକର ପ୍ରସିଦ୍ଧ ଗାୟିକା ଡକ୍ଟର ଓମ୍ମାକୁଟନ୍‌ଙ୍କୁ କେଉଁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ?
(୧୦) ଫେବୃଆରୀ ୨୧ରେ କେଉଁ ଦିବସ ପାଳନ କରାଯାଇଥାଏ ?

### JUMBLE WORDS

| | | | |
|---|---|---|---|
| 1) NOOGLB | = | 6) LONAGO | = |
| 2) CANNEU | = | 7) CRATT | = |
| 3) TOBHO | = | 8) VAROB | = |
| 4) ECYDA | = | 9) ANNTTE | = |
| 5) SWNIEU | = | 10) KOIBOE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ୧୬ ବର୍ଷ, ୨. ଥାଇଲାଣ୍ଡ, ୩. ଅଷ୍ଟ୍ରେଲିଆ, ୪. ୧୮୪୩, ୫.ଶିଶୁ , ୬. ମାଲେସିଆ, ୭. ଫେବୃଆରୀ ୨ୟ ରବିବାର ଦିନ, ୮. ଲ୍ୟୁନିନ ଅର୍ଥୋସାଇଟ୍ରସ୍, ୯. ଶ୍ରୀ ଗଣେଶ, ୧୦. ଅର୍ଜୁନ ।

***Jumble Words*** ର ଉତ୍ତର :-

(1) ELOPE (2) PUNCH (3) DROOPY (4) REMAKE (5) SKULL (6) AWAKE (7) FILLET (8) CURFEW (9) PIANO (10) DRAFT

# ଭାରତରେ ଲୋକଙ୍କ ଆୟୁଷ ବୃଦ୍ଧି ହେଉଛି

ନୂଆଦିଲ୍ଲୀ: ଲୋକଙ୍କ ହାରାହାରି ଆୟୁଷ ବୃଦ୍ଧି, ପ୍ରଜନନ ହାର ହ୍ରାସ ଯୋଗୁଁ ଭାରତ ଦ୍ରୁତଗତିରେ ବୟସ୍କଙ୍କ ଦେଶ ପାଲଟୁଛି । ଚଳିତ ବର୍ଷ ଶେଷ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ ପ୍ରାୟ ୩୫ କୋଟିଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ଯାହା ଦେଶ ଓ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହେବ ବୋଲି ଆକଳନ କରାଯାଉଛି । ବ୍ଲୁମବର୍ଗ ରିପୋର୍ଟରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି ।

ଯୁବବର୍ଗ ଭାରତର ସବୁଠୁ ବଡ଼ ଶକ୍ତି ବୋଲି କୁହାଯାଏ । ବହୁ ବର୍ଷ ହେଲା ବିଶ୍ୱରେ ଭାରତର ଯୁବ ଜନସଂଖ୍ୟା ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବରେ ପରିଚିତ ହୋଇ ଆସିଛି । ଦେଶର ଜନସଂଖ୍ୟାର ପ୍ରାୟ ୬୫% ଲୋକଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବାରୁ ଏହାକୁ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ କରାଯାଉଥିଲା । ମାତ୍ର ଏବେ ଜନସଂଖ୍ୟାର ପରିସଂଖ୍ୟାନ ଏକ ନୂଆ ଓ ଚିନ୍ତାଜନକ ଚିତ୍ର ଦେଖାଇଛି । ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ବା ଧନୀ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ବୁଢ଼ା ଦେଶରେ ପରିଣତ ହୋଇଯିବ ବୋଲି ଏବେ ଆଶଙ୍କା ପ୍ରକାଶ ପାଉଛି ।

ଭାରତରେ ଲୋକଙ୍କ ପ୍ରଜନନ ହାର ହ୍ରାସ, ହାରାହାରି ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି କେବଳ ସାମାଜିକ ନୁହେଁ, ବରଂ ଦେଶ ପାଇଁ ଆର୍ଥିକ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି । ଭାରତ ଗତ ଅନେକ ବର୍ଷ ହେଲା ନିଜ ଯୁବ ଜନସଂଖ୍ୟାକୁ ଦୁନିଆ ଆଗରେ ନିଜର ଶକ୍ତି ରୂପେ ଉପସ୍ଥାପନ କରି ଆସୁଛି । ୬୫ ପ୍ରତିଶତ ଜନସଂଖ୍ୟାର ବୟସ ୩୫ ବର୍ଷରୁ କମ୍ ରହିବା ଦ୍ୱାରା ଦେଶକୁ ଡେମୋଗ୍ରାଫିକ୍ ଡିଭିଡେଣ୍ଡ ବା 'ଜନସଂଖ୍ୟାଗତ ଲାଭ' ମିଳୁଥିବା କୁହାଯାଉଛି । ଦେଶରେ ଅଧିକ କାମ କରୁଥିବା ଜନସଂଖ୍ୟା ଅଧିକ ଉତ୍ପାଦନ ଓ ଦ୍ରୁତ ବିକାଶରେ ସହାୟକ ହୋଇଥାଏ । ମାତ୍ର ବ୍ଲୁମ୍ ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ଜନସଂଖ୍ୟା ବୃଦ୍ଧିର ଗତି ମନ୍ଥର ହେବାରେ ଲାଗିଛି । ଅନ୍ୟପକ୍ଷରେ ଲୋକଙ୍କ ଜୀବନକାଳ ମଧ ବୃଦ୍ଧି ପାଉଛି । ଏହାର ପରିଣାମସ୍ୱରୂପ ଭାରତ ଦ୍ରୁତ ଗତିରେ ବୟସ୍କଙ୍କ ଦେଶ ଦିଗରେ ଅଗ୍ରସର ହେଉଛି । ଜନସଂଖ୍ୟାକୁ ଆର୍ଥିକ ପ୍ରଗତିର ଅଗ୍ରଦୂତ କରାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି । ସହରୀକରଣ, ଭିତ୍ତିଭୂମି, ଦକ୍ଷତା ବିକାଶ ସହ ଶ୍ରମଶକ୍ତିର ବିସ୍ତାର ଓ ବିନିର୍ମାଣ କ୍ଷେତ୍ର ଉପରେ ଧ୍ୟାନ ନ ଦେଲେ ପରିସ୍ଥିତି ବିଷମୟ ହେବ ବୋଲି କୁହାଯାଉଛି । ରିପୋର୍ଟରେ କୁହାଯାଇଛି ଯେ ଦେଶରେ ଜନ୍ମହାର ହ୍ରାସ ଭବିଷ୍ୟତରେ କର୍ମଜୀବୀ ଜନସଂଖ୍ୟା ହ୍ରାସ କରିବ ଓ ନିର୍ଭରଶୀଳ ଜନସଂଖ୍ୟା ବୃଦ୍ଧି ପାଇବ । ଉତ୍ପାଦନ ଏବଂ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ । ସେହିପରି ନୀତି ଆୟୋଗର ରିପୋର୍ଟ ଅନୁସାରେ ଭାରତର ୭୫% ବୟସ୍କ କୌଣସି ନା କୌଣସି ରୋଗରେ ପୀଡ଼ିତ । ୭୦% ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ । ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଭାରି ବୋଝ ପଡ଼ିବ । ବର୍ତ୍ତମାନ, ଭାରତରେ କେବଳ ୧୮% ବୟସ୍କ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ରହିଛି । ୭୮% ବୟସ୍କ କୌଣସି ପେନସନ୍ ପାଉନାହାଁନ୍ତି । ଯଦି ସରକାର ଭବିଷ୍ୟତରେ ପେନସନ୍ ଏବଂ ସାମାଜିକ କଲ୍ୟାଣ ଯୋଜନା ବୃଦ୍ଧି କରନ୍ତି, ତେବେ ଆର୍ଥିକ ନିଅଣ୍ଟର ଆଶଙ୍କା ବୃଦ୍ଧି ପାଇବ । ତେଣୁ ଆଗାମୀ ଦିନରେ ଦେଶ ଧନୀ ହେବା ପୂର୍ବରୁ ବୁଢ଼ା ହୋଇଯିବ ।

## ଗାଇଗୋରୁ ଓ ଧନଜୀବନ ପ୍ରତି ଫ୍ଲାଏଆସ ହେଲା କାଳ

ଝାରସୁଗୁଡ଼ା: ଜିଲ୍ଲାରେ ଲଘୁଚାପ ଜନିତ ବର୍ଷା ଯୋଗୁଁ କିର୍ମିରାରୁ କୋଲାବିରା ବ୍ଲକ ଦ୍ୱୟର ସଂଲଗ୍ନ ରେ ହେଉଥିବା ୪୯ ନମ୍ବର ଜାତୀୟ ରାସ୍ତାର ବାଇପାସ୍ ରାସ୍ତାର ନବ ନିର୍ମାଣ ପାଇଁ ବ୍ୟବହୃତ ହେଉଥିବା ବର୍ଜ୍ୟ ପାଉଁଶ ବର୍ଷାରେ ଧୋଇ ଯିବାରୁ ଧନ ଜନଜୀବନ ପାଇଁ ନାହିଁ ନ ଥିବା ଅବସ୍ଥା ସମ୍ମୁଖୀନ ହେବାକୁ ପଡୁଛି । ଜିଲ୍ଲାର ତାଳପଟିଆ ଗାଁରୁ ଆରମ୍ଭ କରି କିର୍ମିରା ବ୍ଲକର ପନଖିପରା, ଅର୍ଡା, ଧୂତରା, ସିଆଲରମା କୋଲାବିରା ବ୍ଲକର କେଲଡାମାଳ ଇତ୍ୟାଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଉଁଶ ଗୁଡ଼ିକୁ ଢାଳି ଦେଉ ଥିବାରୁ ବର୍ଷା ପାଣିରେ ଧୋଇ ଚାଷ ଜମି ତଥା ପୋଖରୀରେ ପଶି ଯାଉଛି । ଯାହାକି ଲୋକଙ୍କ ଗାଧୋଇବାରେ ଦେହ କୁଣ୍ଡାଇବା ସହ ଆଖି ଜଳିବା ପରି ଅନ୍ୟାନ୍ୟ ସମସ୍ୟା ଦେଖା ଯାଉଥିବାର ଶୁଣିବାକୁ ମିଳୁଛି । ଲୋକଙ୍କ ଯାତାୟାତ ରାସ୍ତାରେ ଆସି ଯିବାରୁ ଚଳାଚଳ ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଏହା ସହିତ ଲୋକଙ୍କ ଚାଷଜମି ହଳ ଲଙ୍ଗଳ କାର୍ଯ୍ୟରେ ଗୋରୁ ବଳଦଙ୍କ ଚଳାଚଳ ଓ ଚରାଭୂମି ପାଇଁ ପାଉଁଶ ମରଣଯନ୍ତା ହୋଇପଡୁଛି ।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ





ଝାରସୁଗୁଡ଼ା: ସଦର ବ୍ଲକ ଦୁର୍ଲଗା ପଞ୍ଚାୟତ ଅନ୍ତର୍ଗତ ଆଇଓସିଏଲ ଗ୍ୟାସ ପ୍ଲାଣ୍ଟ ପାର୍ଶ୍ୱରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଝାରସୁଗୁଡ଼ା ଜିଲ୍ଲାରେ ଚଳିତବର୍ଷ ୧୦ ଲକ୍ଷ ଗଛ ଲଗାଯିବାର ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି । ତେବେ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବା ନେଇ ବିଧାୟକ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଏକ ପରିବେଶ ସଚେତନତା ରଥର ଶୁଭାରମ୍ଭକରାଯାଇଥିଲା । ଏହି ରଥ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ଓ ସହର ପରିକ୍ରମା କରି ବୃକ୍ଷରୋପଣ ପାଇଁ ଜନସାଧାରଣରେ ସଚେତନତା ସୃଷ୍ଟି କରିବ । ଏହାସହ ବୃକ୍ଷରୋପଣ କ୍ଷେତ୍ରରେ ଓ ପରିବେଶ କ୍ଷେତ୍ରରେ କାର୍ଯ୍ୟ କରିଥିବା ବ୍ୟକ୍ତି ମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଡିଏଫଓ ମନୁ ଅଶୋକ ଭଟ୍ଟ, ପରିବେଶ କର୍ମୀ ପ୍ରହ୍ଲାଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ସହରସ୍ଥିତ ମନମୋହନ ଏମ୍ଇ ସ୍କୁଲ ପରିସରରୁ ଝାରସୁଗୁଡାରେ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକ୍ରମକୁ ଉଦଘାଟନ କରି ବିଧାୟକ ଶ୍ରୀ ତ୍ରିପାଠୀ ଝାରସୁଗୁଡା ସହରରେ ନିଜ ନିଜ ବାସଗୃହ ତଥା ଦୋକାନ ସମ୍ମୁଖରେ ରୋପଣ କରାଯାଉଥିବା ଚାରା ବୃକ୍ଷକୁ ବଞ୍ଚାଇବା ଓ ଝାରସୁଗୁଡା ସହରକୁ ରାଜ୍ୟରେ ଏକ ସବୁଜ ସୁନ୍ଦର ତଥା ପ୍ରଦୂଷଣମୁକ୍ତ ସହର ଭାବରେ ରାଜ୍ୟରେ ଅଗ୍ରଣୀ ଜିଲ୍ଲାରେ ପରିଗଣିତ କରିବା ଦିଗରେ ସମସ୍ତେ ଆନ୍ତରିକତାର ସହ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି । ମନମୋହନ ସ୍କୁଲଠାରୁ ସୁନାରୀମୁଣ୍ଡା ପର୍ଯ୍ୟନ୍ତ ବୃକ୍ଷ ରୋପଣ ସହିତ ଦୁର୍ଲଗାରୁ ମାଲିମୁଣ୍ଡା ଷ୍ଟାଡିଅମ ଏବଂ ବେହେରାମାଲ ଛକରୁ ପ୍ରସନ୍ନ ପଣ୍ଡା ଛକ ମଧ୍ୟରେ ବ୍ୟାପକ ବୃକ୍ଷରୋପଣ କରାଯିବା ସକାଶେ ଲକ୍ଷ୍ୟ ରଖାଯାଇଥିବା କହିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ପରିବେଶ ସମିତି ଅଧକ୍ଷା ଅବୋଲି ସୁନୀଲ ନରୱଣେ ଜିଲ୍ଲାକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ଶିକ୍ଷାନୁଷ୍ଠାନ ସମେତ ଜନସାଧାରଣଙ୍କର ସହଯୋଗର ଆବଶ୍ୟକ ରହିଛି ବୋଲି କହିଥିଲେ । ଆଞ୍ଚଳିକ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇ ଏ ଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରି, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ପରିବେଶ ସମିତି ଅଧକ୍ଷ ପ୍ରହ୍ଲାଦ ନାଏକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ଆଇଆଇଏମ୍‌ରେ ଡିଜିଟାଲ ପାଠାଗାର କର୍ମଶାଳା




ସମ୍ବଲପୁର : ଆଇଆଇଏମ ସମ୍ବଲପୁର ଜାତୀୟ ଡିଜିଟାଲ ଲାଇବ୍ରେରୀ ଅଫ୍ ଇଣ୍ଡିଆ (ଏନ୍‌ଡିଏଲ୍‌ଆଇ) ଏବଂ ଆଇଆଇଟି ଖଡ଼ଗପୁର ମିଳିତ ସହଯୋଗରେ 'ଏନ୍‌ଡିଏଲ୍‌ଆଇ ଅନ୍ୱେଷଣ: ଲାଇବ୍ରେରିଆନମାନଙ୍କୁ ଡିଜିଟାଲ୍ ଜ୍ଞାନର ସାମର୍ଥ୍ୟ ସହିତ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଦିନିକିଆ ଜାତୀୟ ଡିଜିଟାଲ୍ ପାଠାଗାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି, ଆଇଆଇଏମ ସମ୍ବଲପୁରର ପାଠାଗାର କମିଟି ଅଧକ୍ଷ ପ୍ରଫେସର ଡକ୍ଟର ରାମକୃଷ୍ଣ ପାଢ଼ୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଆୟୋଜନ ମୁଖ୍ୟ ଭାବରେ ଆଇଆଇଏମ ସମ୍ବଲପୁରର ଲାଇବ୍ରେରିଆନ୍ ଡ. ଏସ୍. କନ୍ନନ, ଆଇଆଇଟି ଖଡ଼ଗପୁରର ସେଣ୍ଟ୍ରାଲ୍ ଲାଇବ୍ରେରୀର ଲାଇବ୍ରେରିଆନ୍ ଡକ୍ଟର ବି. ସୁତ୍ରଧାର, ରିସୋର୍ସ ପର୍ସନ ଭାବେ ଏନ୍‌ଡିଏଲ୍‌ଆଇ କ୍ଲବ୍ ଆଉଟ୍‌ରିଚ୍ ମ୍ୟାନେଜର୍ ଦ୍ୱିବେନ୍ଦୁ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, କଲେଜ ଓ ବିଶ୍ୱବିଦ୍ୟାଳୟରୁ ୧୦୦ରୁ ଅଧିକ ପାଠାଗାର ପେଷାଦାରମାନେ ଅଂଶଗ୍ରହଣ କରିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଝାରସୁଗୁଡ଼ା ପାଉଁଶ ରାଜନୀତିରେ ମୁହାଁମୁହିଁ ଦୀପାଳି ଓ ଟଙ୍କଧର

ସମ୍ବଲପୁର: ଲଗାଣ ବର୍ଷା ଝାରସୁଗୁଡ଼ା ଜିଲ୍ଲାକୁ ପାଉଁଶମୟ କରିଛି । ଏକାଧିକ ଜାଗାରେ ପାଉଁଶ ହିଡ ଭାଙ୍ଗି ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି । ଚାଷଜମି ପାଉଁଶ କାଦୁଅ



ରେ ପୋତି ହୋଇଯାଇଛି । ଜନବସତିରେ ଆଣ୍ଠୁଏ ପାଉଁଶ ପାଣି । ଏହି ଘଟଣା ଝାରସୁଗୁଡ଼ା ଜିଲ୍ଲାରେ ପାଉଁଶ ରାଜନୀତିକୁ ଉଷ୍ମ କରିଛି । ପାଉଁଶ ମଇଦାନରେ ବଳ କଷାକଷି ହେଉଛନ୍ତି ବିଜେପି-ବିଜେଡି । ପାଉଁଶ ପ୍ରଦୂଷଣକୁ ମଝିରେ ରଖି ଶାସକ ଓ ବିରୋଧୀ ଦଳ ପୁଣି ଥରେ ପରସ୍ପର ମୁହାଁମୁହିଁ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲା ପାଉଁଶମୟ ହୋଇ ଯାଇଥିବାରୁ ପୂର୍ବତନ ବିଧାୟକ ଦୀପାଳି ଦାସ ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଦାୟୀ କରି ଶାଣିତ ଆକ୍ରମଣ କରିଥିବା ବେଳେ ବିଧାୟକ ଟଙ୍କଧର ମଧ ପ୍ରତି ଆକ୍ରମଣ କରିଛନ୍ତି । ଝାରସୁଗୁଡ଼ା ଜିଲ୍ଲାରେ ପାଉଁଶ ବିପର୍ଯ୍ୟୟ ପାଇଁ ଦୀପାଳି ଟଙ୍କଧରଙ୍କୁ ଦାୟୀ କରୁଥିବା ବେଳେ ଟଙ୍କଧର ଦୀପାଳିଙ୍କୁ ଦାୟୀ କରୁଛନ୍ତି ।

କୌତୁହଳପ୍ରଦ ହେଲା, ପରସ୍ପରକୁ ଦୋଷାରୋପ କରିବା ଛଳରେ ପାଉଁଶ ବ୍ୟବସାୟରେ ଦୁହେଁ ଦୁହିଁଙ୍କ ସଂପୃକ୍ତିକୁ ହିଁ



ପଦାରେ ପକାଇଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଆଡ଼କୁ ଇସାରା କରି ଦୀପାଳି କହିଛନ୍ତି, ସେ ପ୍ରତିଶ୍ରୁତି ଦେଇଥିଲେ ଯେ ସରକାରକୁ ଆସିଲେ ପାଉଁଶ ବନ୍ଦ କରିଦେବେ । କିନ୍ତୁ କ'ଣ ହେଲା ? ଆଜି ସବୁ ଜାଗାରେ ପାଉଁଶ ପଶିଗଲାଣି । ନଈନାଳ, ବନ୍ଧ ପୋଖରୀ, କ୍ଷେତଖଲା ସବୁ ଜାଗା ପାଉଁଶମୟ ହୋଇଗଲାଣି । ଗାଁ ଗାଁକୁ ପାଉଁଶ ପାଣି ପଶିଗଲାଣି । ଆଗରୁ କେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା । ଆଗରୁ କେବେ ଗାଁକୁ ପାଉଁଶ ପାଣି ପଶି ନଥିଲା କି ବନ୍ଧ ପୋଖରୀକୁ ପାଉଁଶ ପଶି ନ ଥିଲା । ପାଉଁଶ କ୍ଷେତକୁ ନଷ୍ଟ କରି ନ ଥିଲା । ୪୯ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟରେ ବ୍ୟବହାର ହେଉଥିବା ପାଉଁଶ ବର୍ଷା ଓ ବନ୍ୟା ଦ୍ୱାରା ଶିଆଳରମାର ପୋଖରୀ ଭିତରକୁ ପ୍ରବେଶ କରିଥିବା ବେଳେ କେଲଡାମାଲ ଓ ଦୁର୍ଲଗା ଗ୍ରାମର ଚାଷ ଜମିକୁ ମାଡ଼ିଯାଇ ଚାଷୀମାନଙ୍କର ବହୁ କ୍ଷୟକ୍ଷତି କରିଛି । ଏହି ପାଉଁଶ ପକାଇବାରେ ବିଧାୟକଙ୍କ ଲୋକମାନଙ୍କର ଭାରୀଯାନ ବ୍ୟବହାର ହେଉଛି । ସେ (ଟଙ୍କଧର) ଆଗରୁ ଏକ ଟିଭି ଚାନେଲକୁ ସାକ୍ଷାତକାର ଦେଲାବେଳେ ସ୍ୱୀକାର କରିଥିଲେ ଯେ ତାଙ୍କ ସମ୍ପର୍କୀୟମାନେ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ପାଉଁଶ ପକାଉଛନ୍ତି । ତେଣୁ ଆଜି ଝାରସୁଗୁଡ଼ାର ଏ ଯେଉଁ ବିପର୍ଯ୍ୟୟ ଅବସ୍ଥା ସୃଷ୍ଟି ହୋଇଛି ସେଥିପାଇଁ କିଏ ଦାୟୀ ? ଝାରସୁଗୁଡ଼ାର ଏ ଯେଉଁ କ୍ଷତି ହୋଇଛି ତାହା କିଏ ଭରଣା କରିବ ବୋଲି ଦୀପାଳି ପ୍ରଶ୍ନ କରିଛନ୍ତି ।



ତେବେ, ଦୀପାଳିଙ୍କ ପ୍ରଶ୍ନର କଡ଼ା ଜବାବ ଦେଇଛନ୍ତି ଟଙ୍କଧର । ସେ କହିଛନ୍ତି, ସେ (ଦୀପାଳି) ଯଦି ପାଉଁଶ ପ୍ରସଙ୍ଗ ଉଠାଇବାକୁ ଏତେ ଆଗ୍ରହୀ ତା ହେଲେ ମୁଁ ମଧ ବିତର୍କ ପାଇଁ ପ୍ରସ୍ତୁତ ଅଛି । ମୁଁ କ୍ଷମତାକୁ ଆସିବା ଆଗରୁ କାହା ଯୋଗୁଁ ଝାରସୁଗୁଡ଼ାବାସୀ ପାଉଁଶ ପ୍ରଦୂଷଣରେ ଜର୍ଜରିତ ହେଉଥିଲେ ? ଜିଲ୍ଲାପାଳ କାର୍ଯ୍ୟାଳୟ ପଛପଟେ କିଏ ପାଉଁଶ ପାହାଡ଼ ଠିଆ କରିଥିଲା ? ପଞ୍ଚପଡ଼ା ପଛପଟ କ୍ଷେତରେ କିଏ ପାଉଁଶ ପକାଉଥିଲା ? ସେଥିରେ କାହାର ଟ୍ରାନ୍ସପୋର୍ଟ କମ୍ପାନୀର ଗାଡ଼ି ଲାଗିଥିଲା ସେ ପ୍ରଥମେ ଏହାର ଉତ୍ତର ଦିଅନ୍ତୁ । ଯଦି ମୁଁ ତାଙ୍କ କାରନାମାର ପେଡ଼ି ଯଦି ଖୋଲିବି ତା'ହେଲେ ସରବାହାଲରେ ସରିବ କି ସମ୍ବଲପୁରରେ ସରିବ ତାହା ଲୋକେ ଜାଣିଛନ୍ତି । ସେ ଯେଉଁ ବିମାନରେ ଉଡ଼ି ଉଡ଼ି ପାଉଁଶ ଦେଖିଲି ବୋଲି କହୁଛନ୍ତି ସେ ବିମାନ ଖର୍ଚ୍ଚ କିଏ ଦେଉଛି ତାହା ଲୋକଙ୍କୁ ଜଣାନ୍ତୁ । ବିଗତ ଦିନରେ ଯେଉଁମାନେ ପାଉଁଶ ବେପାରରେ ସଂପୃକ୍ତ ଥାଇ ଝାରସୁଗୁଡ଼ାକୁ ପ୍ରଦୂଷଣମୟ କରି ଦେଇଥିଲେ ସେମାନେ ଅନ୍ୟକୁ ଆଙ୍ଗୁଳି ନିର୍ଦ୍ଦେଶ କରିବା ହାସ୍ୟାସ୍ପଦ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଦୀପାଳି ଦାସ ଓ ତାଙ୍କ ପରିବାରର ନାଁରେ ପାଉଁଶ ପରିବହନ ପାଇଁ କରିଥିବା ସତ୍ୟପାଠ ହିଁ କିଏ ପାଉଁଶ ପରିବହନ ପାଇଁ ଝାରସୁଗୁଡ଼ା ଆସିଛି ତାହା ଜ୍ୱଳନ୍ତ ପ୍ରମାଣ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଦୀପାଳିଙ୍କୁ ଇସାରା କରି ଟଙ୍କଧର କଟାକ୍ଷ କରିଛନ୍ତି ଯେ ସାଇବେରିଆନ ଚଢ଼େଇମାନେ ଏମିତି ମଝି ମଝିରେ ଉଡ଼ି ଉଡ଼ି ଆସନ୍ତି, ଘେରାଏ ବୁଲି ଫେରିଯାଆନ୍ତି । ଦୁଇ ନେତାଙ୍କ ବୟାନଯୁଦ୍ଧ ରାଜନୀତିକୁ ସରଗରମ କରିଦେଇଛି ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବର୍ଷା ଓ ବନ୍ୟା ଦ୍ୱାରା ଝାରସୁଗୁଡ଼ା ଜିଲ୍ଲାରେ କ୍ଷତିପାଇଁ ରାଜ୍ୟ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୬୦ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ବନ୍ଧ ଓ କଶ୍ୱା ଗୁଡିକର ମରାମତି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୩ କୋଟି ଟଙ୍କା ଅନୁଦାନ ମଞ୍ଜୁର କରାଯିବ । ଏହା ସହିତ ଯେଉଁମାନଙ୍କର ଜମିକୁ ପାଉଁଶ ମାଡ଼ି ଯାଇଛି । ସେମାନଙ୍କୁ ଏନ୍.ଏଚ୍ ବିଭାଗର ଅଧିକାରୀ ଏବଂ ତହସିଲଦାର କ୍ଷେତ୍ର ପରିଦର୍ଶନ କରି ଅତିଶୀଘ୍ର କ୍ଷତିପୂରଣ ଦେବେ ।

## ସାମ୍ବାଦିକା ସୀମନ୍ତିକା ନନ୍ଦଙ୍କ ପରଲୋକ

କଟକ : ସାମ୍ବାଦିକା ସୀମନ୍ତିକା ନନ୍ଦଙ୍କ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ସେ 'ସମ୍ବାଦ'ର କଟକ ଜିଲା ପ୍ରତିନିଧି ଭାବରେ କାର୍ଯ୍ୟରତ ଥିଲେ । ଅନ୍ତିମଶଯ୍ୟା ନିକଟରେ ସ୍ୱାମୀ ସଂଜିତ କୁମାର ମିଶ୍ର, ପୁଅ ଶ୍ରୀଜିତ



ମିଶ୍ର, ଶାଶୂ ସ୍ନେହଲତା ମିଶ୍ର, ମା ଶୈଳବାଳା ନନ୍ଦଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ପରଲୋକ ସଂକ୍ରାନ୍ତରେ ସୂଚନା ପାଇ ବିଧାୟିକା ସୋଫିଆ ଫିର୍ଦ୍ଦେସ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ, ପୂର୍ବତନ ବିଧାୟକ ଦେବୀ ମିଶ୍ର, ମେୟର ସୁବାସ ସିଂହ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକ ମାତ୍ର ପୁଅ ଶ୍ରୀଜିତ ମୁଖାଗ୍ନି ଦେଇଥିଲେ । ସୀମନ୍ତିକା ଦେବଗଡ଼ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରାମ ନାରାୟଣ ନନ୍ଦ ଓ ମା ହେଉଛନ୍ତି ଶିକ୍ଷୟିତ୍ରୀ ଶୈଳବାଳା ନନ୍ଦ । ଦେବଗଡରୁ ଉଚ୍ଚଶିକ୍ଷା ସମାପ୍ତ ପରେ ସାମ୍ବାଦିକତାକୁ ବୃତ୍ତି ଭାବେ ସେ ଗ୍ରହଣ କରିଥିଲେ । ସେ 'ସମ୍ବାଦ'ର ଦେବଗଡ଼ ଓ ବରଗଡ଼ ଜିଲ୍ଲା ପ୍ରତିନିଧି ରୂପେ ମଧ ସଫଳତାର ସହିତ କାର୍ଯ୍ୟ କରିଥିଲେ । ଜଣେ ଦକ୍ଷ, ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକ ଭାବେ ତାଙ୍କର ବେଶ ସୁନାମ ଥିଲା ।

## ବଲାଙ୍ଗୀର ବିଶ୍ୱାତ୍ମ ଚେତନା ପରିଷଦ ପକ୍ଷରୁ ଗୁରୁ ପୂର୍ଣ୍ଣିମା ପାଳିତ











ବଲାଙ୍ଗିର: ବିଶ୍ୱାତ୍ମ ଚେତନା ପରିଷଦ ଆନୁକୂଲ୍ୟରେ ଖୁଜେନପାଲି ସ୍ଥିତ ଆନନ୍ଦ ନିକେତନ ଆଶ୍ରମରେ ଗୁରୁ ପୂର୍ଣ୍ଣିମା ମହୋତ୍ସବ ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି । ଏହି ଅବସରରେ ଆଶ୍ରମସ୍ଥ ସନ୍ନ୍ୟାସୀ ବୃନ୍ଦଙ୍କ ଦ୍ୱାରା ଯଥାରୀତି ଗୁରୁ ପୂଜନ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ବିଶ୍ୱାତ୍ମ ଚେତନା ପରିଷଦ ଦ୍ୱାରା ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ (କାଦୁଅବରେଣୀ, କଳାପଥର, ନୟାଗଡ଼) ଙ୍କୁ ବିଶ୍ୱାତ୍ମ ଚେତନା ସମ୍ମାନ ୨୦୨୪, ଶ୍ରୀମତୀ ଆରତି ଆଚାର୍ଯ୍ୟ (ବଲାଙ୍ଗୀର) ଙ୍କୁ ବିଶ୍ୱାତ୍ମ ଚେତନା ପ୍ରଜ୍ଞାଶକ୍ତି ସମ୍ମାନ ୨୦୨୪, ଶ୍ରୀ ଆନନ୍ଦ ଚନ୍ଦ୍ର ପ୍ରାଧାନ (ଜୁନାଗଡ଼, କଳାହାଣ୍ଡି) ଙ୍କୁ ବିଶ୍ୱାତ୍ମ ଚେତନା ବିଶିଷ୍ଟ କର୍ମଯୋଗୀ ସମ୍ମାନ ୨୦୨୪, ଶ୍ରୀ ଚନ୍ଦ୍ରକୁମାର ପୁରୋହିତ (ସାହାଜବାହାଲ, ବଲାଙ୍ଗୀର)ଙ୍କୁ ବିଶ୍ୱାତ୍ମ ଚେତନା କର୍ମଯୋଗୀ ସମ୍ମାନ ୨୦୨୪ ଏବଂ ଶ୍ରୀ ସମ୍ବିତ୍ କୁମାର (ବଲାଙ୍ଗୀର)ଙ୍କୁ ବିଶ୍ୱାତ୍ମ ଚେତନା ପ୍ରତିଭା ସମ୍ମାନ - ୨୦୨୪ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱାତ୍ମ ବିଦ୍ୟା ମନ୍ଦିରରେ ନିଃଶୁଳ୍କ ଶିକ୍ଷାପ୍ରାପ୍ତ କରୁଥିବା ଛାତ୍ରଛାତ୍ରୀଙ୍କୁ ପୋଷାକ, ବ୍ୟାଗ୍, ଜୋତା, ପୁସ୍ତକ ଇତ୍ୟାଦି ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା ।

## ୟୁପିଏସସି କୋଚିଙ୍ଗ ଓ କ୍ୟାରିଅର କାଉନସେଲିଂ ଫିଡ ବ୍ୟାକ ସମ୍ପର୍କିତ ବୈଠକ

ଝାରସୁଗୁଡା: ଛାତ୍ରଛାତ୍ରୀ ନିଜର ଭବିଷ୍ୟତ ନିର୍ମାଣ ପାଇଁ ଅଧ୍ୟବସାୟ ଓ ଇଚ୍ଛାଶକ୍ତିକୁ ଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ୟୁପିଏସସି କୋଚିଙ୍ଗ ଓ କ୍ୟାରିଅର କାଉନସେଲିଂ ଫିଡ ବ୍ୟାକ ସମ୍ପର୍କିତ ବୈଠକରେ ଯୋଗ ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଓ ବିଧାୟକ ଶ୍ରୀ ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଅବସରରେ ପ୍ରାଥମିକ ସ୍ତରରୁ ଛାତ୍ରଛାତ୍ରୀମାନେ କିପରି ଭବିଷ୍ୟତ ନିର୍ମାଣ ଦିଗରେ ମନନଶୀଳ ହେବେ ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଉଲ୍ଲେଖଯୋଗ୍ୟ, ଜିଲ୍ଲାର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ ପାଇଁ ନିଜକୁ କିପରି ଭାବରେ ପ୍ରସ୍ତୁତ କରିବେ ସେଥିପାଇଁ ଜିଲ୍ଲାପାଳଙ୍କ ଉଦ୍ୟମ କ୍ରମେ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସେହିପରି ସର୍ବଭାରତୀୟ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ୟୁ.ପି.ଏସ୍.ସି କୋଚିଙ୍ଗ ବ୍ୟବସ୍ଥା ମଧ କରାଯାଇଛି । ବିଗତ ବର୍ଷରୁ




ଜିଲ୍ଲା ପ୍ରଶାସନ ପ୍ରଚେଷ୍ଟାରେ ଏବଂ ଏମ୍‌ସିଏଲ ସହଯୋଗରେ କ୍ୟାରିଅର କାଉନସେଲିଂ ଓ ୟୁପିଏସସି କୋଚିଙ୍ଗ କାର୍ଯ୍ୟକ୍ରମ ଜାରିରହିଛି । କାର୍ଯ୍ୟକ୍ରମରେ ଏମ୍.ସି.ଏଲର ଭୂମିକାକୁ ପ୍ରଶଂସା କରାଯିବା ସହିତ ଆଗକୁ ମଧ ଏମ୍.ସି.ଏଲ୍‌ର ସହଯୋଗ କାମନା କରାଯାଇଥିଲା । ରାଜସ୍ୱ ମନ୍ତ୍ରୀ ଛାତ୍ର ଛାତ୍ରୀ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ର ଛାତ୍ରୀମାନେ କେଉଁ ଦିଗରେ ଯିବେ ସେଥି ପାଇଁ ଉପଯୁକ୍ତ ମାର୍ଗଦର୍ଶନର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏଥି ସହିତ କାଉନସେଲିଂ ଦ୍ୱାରା ଛାତ୍ର ଛାତ୍ରୀ କେଉଁ କେଉଁ କ୍ଷେତ୍ର ପାଇଁ ଆଗ୍ରହ ଦେଖାଇଥିଲେ ସେ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ । ଝାରସୁଗୁଡାରେ ବ୍ରଜରାଜନଗର ଏବଂ ଏଲଏନ. କଲେଜରେ ଏମ୍‌ସିଏଲ୍ ସହଯୋଗରେ ଚାଲିଥିବା କ୍ୟାରିଅର କାଉନସେଲିଂ ଏବଂ ୟୁ.ପି. ଏସ.ସି କୋଚିଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଜିଲ୍ଲାର ଛାତ୍ର ଛାତ୍ରୀ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ତ୍ରିପାଠୀ ଆଶା ପ୍ରକଟ କରିବା ସହ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀଙ୍କ ମଧରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି କହିଥିଲେ । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ କୋଚିଙ୍ଗ ଏବଂ କ୍ୟାରିଅର କାଉନସେଲିଂ ଦ୍ୱାରା ଛାତ୍ର ଛାତ୍ରୀମାନେ କିପରି ଆଗକୁ ପଢ଼ିବେ ସେଥିପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ । ଉତ୍ତରାଞ୍ଚଳ ପୁଲିସ ଆଇ ଜି ହିମାଂଶୁ ଲାଲ , ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେ, ଏମ୍‌ସିଏଲ୍ କାର୍ମିକ ନିର୍ଦ୍ଦେଶକ କେଶବ ରାଓ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଂଜନ ନାଏକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଆଇ.ଏ.ଏସ ପ୍ରବେଶନର ପ୍ରଜ୍ଞାନନ୍ଦ ଗିରିଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ରହି ନିଜ ନିଜର ଅଭିଜ୍ଞତା ବଖାଣିବା ସହିତ ଏହି ଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ବୋଲି କହିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra